


# ଉନ୍ମୁକ୍ତ ସ୍ୱର୍ଗ

"...ସ୍ୱର୍ଗ ଉନ୍ମୁକ୍ତ ହେଲା..." ଯିହିଜିକଲ୍ ୧:୧

ଆଶିଷ୍ ରାଇଟୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଆଣ୍ଡ୍ ୱାଲର୍ଡ୍ ଆଉଟ୍ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ଫେବୃୟାରୀ ୨୦୨୧

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**

All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, INDIA

Phone : +91-80-25452617
Email : bookrequest@apcwo.org
Website : **www.apcwo.org**

**ଆର୍ଥିକ ଭାଗୀଦାରୀ :**

ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ । ଧନ୍ୟବାଦ !

**ମେଲିଂ ଲିଷ୍ଟ୍ :**

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

**ଭାରତ ଭିତରେ ମାଗଣା ବଲ୍କ ଅର୍ଡ଼ର :**

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**Open Heavens (Odia)**

# ଉନ୍ମୁକ୍ତ ସ୍ୱର୍ଗ

"...ସ୍ୱର୍ଗ ଉନ୍ମୁକ୍ତ ହେଲା..." ଯିହିଜିକଲ୍ ୧:୧

# ସୂଚୀପତ୍ର


| | | |
|---|---|---|
| ମୁଖବନ୍ଧ | | ୧ |
| ୧. | ଯେପରି ସ୍ୱର୍ଗରେ ସେପରି ପୃଥିବୀରେ | ୨ |
| ୨. | ଉନ୍ମୁକ୍ତ ସ୍ୱର୍ଗ କ'ଣ ? | ୫ |
| ୩. | ସ୍ୱର୍ଗ ଉନ୍ମୁକ୍ତ ହେବାର କାରଣ କ'ଣ ? | ୧୨ |
| ୪. | ଆପଣଙ୍କ ଅଞ୍ଚଳରେ ସ୍ୱର୍ଗ ଉନ୍ମୁକ୍ତ ଅଟେ କି ? | ୧୯ |

# ମୁଖବନ୍ଧ

ଲୋକମାନଙ୍କର, ସମ୍ପ୍ରଦାୟଗୁଡ଼ିକର ଓ ଭୌଗଳିକ ଅଞ୍ଚଳସବୁ ଉପରେ ସ୍ୱର୍ଗ ଉନ୍ମୁକ୍ତ ହେବା ବିଷୟରେ ଖ୍ରୀଷ୍ଟଙ୍କ ଶରୀର ନୂତନ ଭାବରେ ଜ୍ଞାନ ଓ ଅନ୍ତର୍ଦୃଷ୍ଟି ପ୍ରାପ୍ତ ହେଉଛି ।

ମନେହୁଏ ପୃଥିବୀରେ କେତେକ ଅଞ୍ଚଳ ଉନ୍ମୁକ୍ତ ସ୍ୱର୍ଗର "ସମ୍ବେଦନଶୀଳ ସ୍ଥାନ" ବା ହଟ୍‌ସ୍ପଟ୍ ଅଟେ । ଏହି ସମସ୍ତ ଅଞ୍ଚଳରେ ସ୍ୱର୍ଗକୁ ନିକଟକୁ ଆଣିବା ସହଜ ହୋଇଥାଏ । ଏହି ସମସ୍ତ ଅଞ୍ଚଳର ସ୍ୱର୍ଗକୁ ନିକଟକୁ ଆଣିବା ସହଜ ହୋଇଥାଏ । ୱେଲ୍ସରେ ୧୮୫୯ରେ ଉଦ୍ଦୀପନା ଆସିଥିଲା ଓ ପୁନର୍ବାର ୧୯୦୪ ମଧ୍ୟ ଉଦ୍ଦୀପନା ଆସିଥିଲା । ଫ୍ଲୋରିଡ଼ା ଅଞ୍ଚଳର ପେନ୍‌ସାକୋଲାରେ ଆତ୍ମାଙ୍କ ବୃଷ୍ଟି ହୋଇଥିଲା, ଯାହାକୁ ବ୍ରାଉନ୍‌ସଭିଲେ ଉଦ୍ଦୀପନା ମଧ୍ୟ କୁହାଯାଏ । ଏହା ୧୯୯୫ରେ ଘଟିଥିଲା । ଲେକ୍‌ଲ୍ୟାଣ୍ଡରେ ୨୦୦୮ରେ ଆତ୍ମାଙ୍କ ବୃଷ୍ଟି ହୋଇଥିଲା ।

ତେଣୁ ଯେଉଁସବୁ ସ୍ଥାନମାନଙ୍କରେ ଓ ଅଞ୍ଚଳରେ ଆଗରୁ ଉଦ୍ଦୀପନା, ଆତ୍ମାଙ୍କ ବୃଷ୍ଟି ଓ ସ୍ୱର୍ଗୀୟ ପରିଦର୍ଶନ ଦେଖାଦେଇଛି ସେସବୁ ସ୍ଥାନମାନଙ୍କରେ ପୁନର୍ବାର ସ୍ୱର୍ଗ ଉନ୍ମୁକ୍ତ ହେବ ବୋଲି ଆମେ ଆଶା କରିପାରୁ । ଭାରତର ଶିଲଂରେ, ୧୯୦୬ରେ ଏକ ବଡ଼ ଧରଣର ଉଦ୍ଦୀପନା ଆସିଥିଲା, ଯାହା ୱେଲ୍ସ ମିଶନାରୀମାନେ ସେଠାରୁ ଉଦ୍ଦୀପନାର ଅଗ୍ନି ନେଇ ଆସିଥିବାରୁ ଘଟିଥିଲା । ୨୦୦୦ ସାଲ ଆରମ୍ଭରୁ ଶିଲଂର ବିଶ୍ୱାସୀମାନେ ଅନ୍ୟ ଏକ ଉଦ୍ଦୀପନା ଆଶା କରି ଈଶ୍ୱରଙ୍କର ଅନ୍ୱେଷଣ କରିଥିଲେ । ସେମାନଙ୍କ ପ୍ରାର୍ଥନାର ଫଳ ସ୍ୱରୂପ ୨୦୦୬ରେ ପୁନର୍ବାର ଶିଲଂରେ ଉଦ୍ଦୀପନା ଆସିଥିଲା । ପଞ୍ଜାବର ଶିଆଲ୍‌କୋଟ୍‌ରେ ୧୯୦୪ରେ ଉଦ୍ଦୀପନା ଆସିଥିଲା । ପ୍ରଭୁ ଜନ୍ ହାଇଡ୍ ନାମରେ ଜଣେ ପ୍ରାର୍ଥନାଶୀଳ ବ୍ୟକ୍ତିଙ୍କୁ ଏହି ଉଦ୍ଦୀପନା ଆଣିବାରେ ବ୍ୟବହାର କରିଥିଲେ । ତେଣୁ ଏହି ଅଞ୍ଚଳ ଅନ୍ୟ ଏକ ଉଦ୍ଦୀପନା ଓ ପ୍ରଭୁଙ୍କର ପରିଦର୍ଶନ ଅନୁଭବ କରିବ ବୋଲି ଆମେ ଆଶା କରିପାରୁ ।

ସ୍ୱର୍ଗ ଉନ୍ମୁକ୍ତ ହେବା ବିଷୟରେ ଧର୍ମଶାସ୍ତ୍ର କ'ଣ କହେ, ଏହାର ଭାବାର୍ଥ ଓ ଏହାର ପରିଣାମ କ'ଣ ହୋଇଥାଏ, ଏହି ପୁସ୍ତକରେ ଏହାର ଏକ ସରଳ ଅଧ୍ୟୟନ ଦିଆଯାଇଛି । ଆମର ବିଶ୍ୱାସ ଯେ ଅନେକେ ଏହି ପୁସ୍ତକ ଦ୍ୱାରା ଉପକୃତ ହେବେ ଏବଂ ସେମାନଙ୍କ ଜୀବନରେ, ସେମାନଙ୍କ ସ୍ଥାନୀୟ ମଣ୍ଡଳୀସବୁରେ ଓ ସେମାନଙ୍କ ସମ୍ପ୍ରଦାୟରେ ଏକ "ଉନ୍ମୁକ୍ତ ସ୍ୱର୍ଗ" ସୃଷ୍ଟି ହେବା ନିମନ୍ତେ ପ୍ରାର୍ଥନା କରିବେ । ଆମେ ଆଶା କରୁ କୌଣସି ଅଞ୍ଚଳର ସ୍ଥାନୀୟ ମଣ୍ଡଳୀଗୁଡ଼ିକ ଏକାଠି ହୋଇ ପ୍ରାର୍ଥନା କରିବେ ଯେପରି କି ସେମାନଙ୍କ ନଗର ବା ଅଞ୍ଚଳରେ ସ୍ୱର୍ଗ ଉନ୍ମୁକ୍ତ ହୁଏ, ମଣ୍ଡଳୀରେ ଧର୍ମସଂସ୍କାର ଆସେ ଏବଂ ସେମାନଙ୍କ ନଗର ବା ଅଞ୍ଚଳ ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୁଏ ।

# ୧

# ଯେପରି ସ୍ୱର୍ଗରେ ସେପରି ପୃଥିବୀରେ

ପ୍ରଭୁ ଶିଖାଇଥିବା ପ୍ରାର୍ଥନାରେ ସ୍ୱର୍ଗକୁ ପୃଥିବୀରେ ଅନୁଭବ କରିବା ଉପରେ ଗୁରୁତ୍ୱ ଦେବା ଏକ ମୁଖ୍ୟ ଉପାଦାନ ଅଟେ ବୋଲି ପ୍ରଭୁ ଶିକ୍ଷା ଦେଇଛନ୍ତି ।

**ମାଥିଉ ୬:୧୦**

**ତୁମର ରାଜ୍ୟ ଆସୁ । ଯେପରି ସ୍ୱର୍ଗରେ ସେପରି ପୃଥିବୀରେ ତୁମ୍ଭର ଇଚ୍ଛା ସଫଳ ହେଉ ।**

ସ୍ୱର୍ଗରେ ଯାହା ଅଛି ପୃଥିବୀରେ ତାହା ସ୍ଥାପିତ ଓ ଅନୁଭୂତ ହେବା ଉଚିତ । ଏହା ଆମ ନିମନ୍ତେ ଏକ ଆଦେଶ, ସ୍ୱର୍ଗରେ ଯାହା ଅଛି ତାହା ପୃଥିବୀରେ ପ୍ରକାଶ ପାଇବା ଉଚିତ (ମାଥିଉ ୧୬:୧୮,୧୯) ।

ଈଶ୍ୱର ତାଙ୍କର ଲୋକମାନଙ୍କ ନିମନ୍ତେ ପ୍ରତ୍ୟେକ ଆତ୍ମିକ ଆଶୀର୍ବାଦ ମୁକ୍ତ କରିସାରିଛନ୍ତି । ତେବେ ପ୍ରତ୍ୟେକ ଆଶୀର୍ବାଦ ସ୍ୱର୍ଗରେ ଗଚ୍ଛିତ ହୋଇ ରହିଛି । ଅଭିଷେକ, ଆଶ୍ଚର୍ଯ୍ୟକର୍ମ, ସୁସ୍ଥତା, ଆମର ଆବଶ୍ୟକତା ପୂରଣ, ଇତ୍ୟାଦି ଆମମାନଙ୍କ ନିମନ୍ତେ ସ୍ୱର୍ଗରେ ଦିଆଯାଇଛି ।

**ଏଫିସୀୟ ୧:୩**

**ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ ହେଉନ୍ତୁ, ସେ ଖ୍ରୀଷ୍ଟଙ୍କଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରିଅଛନ୍ତି ।**

ତେଣୁ ସେହି ଆତ୍ମିକ ଆଶୀର୍ବାଦଗୁଡ଼ିକୁ ସ୍ୱର୍ଗରୁ ପୃଥିବୀକୁ ଆଣିବା ଆମମାନଙ୍କ ନିମନ୍ତେ ଏକ ଆହ୍ୱାନ ଅଟେ, କାରଣ ସେସବୁ ଖ୍ରୀଷ୍ଟରେ ଆମମାନଙ୍କ ନିମନ୍ତେ ସ୍ୱର୍ଗସ୍ଥାନରେ ଦିଆଯାଇଛି । ତେଣୁ ସ୍ୱର୍ଗସ୍ଥାନରେ ଯାହା ଦିଆଯାଇଛି ତାହା ପୃଥିବୀରେ ପ୍ରାପ୍ତ ହୋଇ ଏଠାରେ ଗମନାଗମନ କରିବା ଆମର ବାଞ୍ଛିତ ବିଷୟ ହେବା ଉଚିତ ।

## ସ୍ୱର୍ଗ ଆଡ଼କୁ ଅଗ୍ରସର ହେବା

**ମାଥିଉ ୧୧:୧୨**

**ଆଉ, ବାପ୍ତିଜକ ଯୋହନଙ୍କ ସମୟଠାରୁ ଆଜି ପର୍ଯ୍ୟନ୍ତ ସ୍ୱର୍ଗରାଜ୍ୟ ବଳରେ ଆକ୍ରାନ୍ତ ହେଉଅଛି; ପୁଣି ବଳରେ ଆକ୍ରମଣକାରୀମାନେ ପରାକ୍ରମରେ ତାହା ଅଧିକାର କରୁଅଛନ୍ତି ।**

ସ୍ୱର୍ଗରାଜ୍ୟ ଯେ ପୃଥିବୀକୁ ଆସିଅଛି ଏହା ପ୍ରଥମେ ବାପ୍ତିଜକ ଯୋହନ ପ୍ରଚାର କରିଥିଲେ (ମାଥିଉ ୩:୨) । ସ୍ୱର୍ଗରାଜ୍ୟ ପୃଥିବୀରେ ପହଞ୍ଚିଯାଇଛି ବୋଲି ଘୋଷଣା କରିବା ପରଠାରୁ, ଯେଉଁମାନେ ପରାକ୍ରମୀ, ଯେଉଁମାନେ ଆଗକୁ ମାଡ଼ି ଚାଲିଛନ୍ତି, ସେମାନେ ସ୍ୱର୍ଗରାଜ୍ୟରେ ଯାହା ଅଛି ତାହା ହାସଲ କରିପାରୁଛନ୍ତି । ଆତ୍ମାରେ ଆକ୍ରମଣାତ୍ମକ ହେବା ଆବଶ୍ୟକ, ଅର୍ଥାତ୍ ସ୍ୱର୍ଗରାଜ୍ୟରେ ଆମ ନିମନ୍ତେ ଯାହା ଦିଆଯାଇଛି ଓ ସେଠାରେ ଗଚ୍ଛିତ ହୋଇରହିଛି ତାହା ପ୍ରାପ୍ତ ହେବା ପାଇଁ ଆତ୍ମାରେ ଏକ ପ୍ରଭାବଶାଳୀ ଉଦ୍ୟମ କରିବାକୁ ହେବ ।

ଏହା କାହିଁକି ହେବା ଉଚିତ ? ଏହାର ଅର୍ଥ ନୁହେଁ ଯେ ସ୍ୱର୍ଗରାଜ୍ୟକୁ ଈଶ୍ୱର ଆମଠାରୁ ଦୂରେଇ ରଖିଛନ୍ତି । ପ୍ରକୃତରେ ସେ ହିଁ ଚାହାନ୍ତି ଯେ ପୃଥିବୀକୁ ସ୍ୱର୍ଗରାଜ୍ୟ ଆସୁ । ଆମମାନଙ୍କୁ ତାହାଙ୍କ ରାଜ୍ୟ ଦେବାରେ ସେ ପରମ ସନ୍ତୋଷ ଲାଭ କରନ୍ତି (ଲୂକ ୧୨:୩୨) । ଆତ୍ମିକ ଉଗ୍ରତା କାହିଁକି ଆବଶ୍ୟକ ଏହାର ଦୁଇଟି କାରଣ ମୁଁ ଦେଖିପାରେ । ପ୍ରଥମତଃ, ଆମେ ଜାଣୁ ଯେ ଶତ୍ରୁ ଶୟତାନ ଯଥାସାଧ୍ୟ ଚେଷ୍ଟା କରେ ଆମକୁ ଯାହାସବୁ ଦିଆଯାଇଛି, ତାକୁ ଯେପରି ଆମେ ନ ପାଉ । ସେ ପୃଥିବୀରେ ସ୍ୱର୍ଗକୁ ଦେଖିବାକୁ ଚାହେଁ ନାହିଁ, ତେଣୁ ସେ ବାଧା ଦେବା ପାଇଁ ସବୁମତେ ଉଦ୍ୟମ କରିଥାଏ । ଦ୍ୱିତୀୟରେ, ଆତ୍ମାରେ ଆକ୍ରାମକ ଉଦ୍ୟମ କଲେ ଆମେ ଯାହା ପ୍ରାପ୍ତ ହେଉ ତାହା ନେଇ ଚାଲିଯିବାକୁ ଆମକୁ ପ୍ରସ୍ତୁତ କରେ । ଆମେ ଗ୍ରହଣ କରିବା ନିମନ୍ତେ ପ୍ରସ୍ତୁତ ରହିଥିବା ଆବଶ୍ୟକ ।

ଅନ୍ୟ ପକ୍ଷରେ, ବୃଷ୍ଟି କାଳରେ (ଉଦ୍ଦୀପନା ବା ସ୍ୱର୍ଗୀୟ ପରିଦର୍ଶନ) ଆମେ ଯାହା ଅନୁଭବ କରିଥାଉ ତାକୁ "ଉନ୍ମୁକ୍ତ ସ୍ୱର୍ଗ" କହିଥାଉ । ଏହାର ଅର୍ଥ ଆମେ ଏପରି କାଳରେ ପହଞ୍ଚିଥାଉ ଯେତେବେଳେ ସ୍ୱର୍ଗ ପୃଥିବୀକୁ ଆକ୍ରମଣ କରିଥାଏ ଏବଂ ସେସମୟରେ ରାଜ୍ୟର ବିଷୟସବୁକୁ ଗ୍ରହଣ କରିବା ଏପରି ସହଜ ହୋଇଥାଏ ଯେ ଏହା ଆମର ଉପରେ ଅଜାଡ଼ି ହୋଇ ଯାଇଥାଏ । ସ୍ୱର୍ଗ ଖୋଲିଯାଇଥାଏ ଓ ସେଠାରେ ଆମ ନିମନ୍ତେ ଯାହାସବୁ ରହିଛି ତାହା ସହଜରେ ଆମେ ପ୍ରାପ୍ତ ହୋଇଥାଉ ଓ ପୃଥିବୀରେ ଗମନାଗମନ କରିଥାଉ ।

ଏଠାରେ ଆମେ 'ବୃଷ୍ଟି', 'ସ୍ୱର୍ଗୀୟ ପରିଦର୍ଶନ' ଓ 'ଉଦ୍ଦୀପନା' ଶବ୍ଦଗୁଡ଼ିକ ଅଦଳବଦଳ କରି ବ୍ୟବହାର କରିବୁ ଯାହା ଈଶ୍ୱରଙ୍କର ଏକ ପ୍ରକାର କାର୍ଯ୍ୟକୁ ସୂଚାଇଥାଏ । ଏଠାରେ ସ୍ପଷ୍ଟ କରାଯାଇପାରେ ଯେ 'ବୃଷ୍ଟି' କହିଲେ ଏପରି ସମୟକୁ ବୁଝାଏ ଯେତେବେଳେ ସ୍ୱର୍ଗ ଖୋଲିଯାଏ ଓ ଲୋକମାନଙ୍କ ଉପରେ ଈଶ୍ୱରଙ୍କ ଉପସ୍ଥିତି ବୃଷ୍ଟିପରି ପ୍ରକାଶିତ ହୁଏ । 'ସ୍ୱର୍ଗୀୟ ପରିଦର୍ଶନ' କହିଲେ ଏପରି ଏକ କାଳ ଯେତେବେଳେ ଈଶ୍ୱର ଆମମାନଙ୍କ

ସଙ୍ଗେ ଗମନାଗମନ କରନ୍ତି ଏବଂ ଶକ୍ତିଶାଳୀ ଚିହ୍ନ, ଆଶ୍ଚର୍ଯ୍ୟକର୍ମ, ଅଲୌକିକ ସାକ୍ଷାତ ଓ ପରିବର୍ତ୍ତିତ ଜୀବନମାନ ଦେଖାଯାଇଥାଏ । 'ଉଦ୍ଦୀପନା'ର ଅର୍ଥ ନୂତନ ଭାବରେ ଉନ୍ନତି କରିବା ବା ପ୍ରସ୍ଫୁଟିତ ହେବା, ପୁନଃଜୀବିତ ହେବା ବା ଜୀବନ ଫେରିପାଇବା । ଯାହା ଶୁଷ୍କ ହୋଇଯାଇଥିଲା ତାହା ସଜୀବ ହୋଇ ବୃଦ୍ଧିପାଏ ଓ ଅଗ୍ନି ପୁନଃ ପ୍ରଜ୍ୱଳିତ ହୁଏ । ତେଣୁ 'ଉଦ୍ଦୀପନା' କହିଲେ ଜଣେ ବିଶ୍ୱାସୀଠାରେ ବା ମଣ୍ଡଳୀରେ ଆଗରୁ ଯାହା ସ୍ଥାପିତ ବା ଅନୁଭୂତ ହୋଇଥିଲା ତାହାର ଜାଗରଣ, ତାକୁ କ୍ରିୟାଶୀଳ ଅବସ୍ଥାକୁ ଫେରାଇ ଆଣିବା ଓ ପୁନଃପ୍ରଜ୍ଜଳିତ କରିବାକୁ ବୁଝାଏ ।

# ୨

# ଉନ୍ମୁକ୍ତ ସ୍ୱର୍ଗ କ'ଣ ?

ଏକ "ଉନ୍ମୁକ୍ତ ସ୍ୱର୍ଗ" କହିଲେ ଆତ୍ମାଙ୍କ ବୃଷ୍ଟିର ଏକ କାଳ, ସ୍ୱର୍ଗୀୟ ପରିଦର୍ଶନର ଏକ କାଳ ଓ ଈଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ ଉଦ୍ଦୀପନା ଆସିବାର ସମୟ । ଏହି ସମୟରେ ଈଶ୍ୱରଙ୍କ ଲୋକମାନେ ଆତ୍ମିକ ଓ ଜାଗତିକ ଆଶୀର୍ବାଦସବୁର ବୃଷ୍ଟିକୁ ଅନୁଭବ କରିବା ଆରମ୍ଭ କରନ୍ତି । ଏହାର ପ୍ରଭାବ ସମାଜ ଉପରେ ବା ଅଞ୍ଚଳ ଉପରେ ପଡ଼େ, ଫଳତଃ ହଜା ଆତ୍ମାମାନଙ୍କୁ ମଧ୍ୟ ଏହା ସ୍ପର୍ଶ କରେ ।

## ଉନ୍ମୁକ୍ତ ସ୍ୱର୍ଗ କହିଲେ ସ୍ୱର୍ଗୀୟ ବ୍ୟବସ୍ଥା

ଦ୍ୱିତୀୟ ବିବରଣ ୨୮ :୧୨
ସଦାପ୍ରଭୁ ଯଥାସମୟରେ ତୁମ୍ଭ ଭୂମିରେ ବୃଷ୍ଟି ଦେବାକୁ ଓ ତୁମ୍ଭ ହସ୍ତର ସମସ୍ତ କର୍ମରେ ଆଶୀର୍ବାଦ କରିବାକୁ ଆପଣା ଆକାଶ ରୂପ ଉତ୍ତମ ଭଣ୍ଡାର ତୁମ୍ଭ ପ୍ରତି ମୁକ୍ତ କରିବେ; ତହିଁରେ ତୁମ୍ଭେ ଅନେକ ଗୋଷ୍ଠୀୟ ଲୋକମାନଙ୍କୁ ଋଣ ଦେବ, ମାତ୍ର ଋଣ ନେବ ନାହିଁ ।

ଗୀତସଂହିତା ୭୮ :୨୩-୨୫
୨୩ ତେବେ ହେଁ ସେ ଉପରିସ୍ଥ ମେଘମାଳାକୁ ଆଜ୍ଞା କଲେ ଓ ଆକାଶର ଦ୍ୱାର ମୁକ୍ତ କଲେ ।
୨୪ ଆଉ, ସେ ଭୋଜନାର୍ଥେ ସେମାନଙ୍କ ଉପରେ ମାନ୍ନା ବର୍ଷାଇଲେ ଓ ସେମାନଙ୍କୁ ସ୍ୱର୍ଗର ଶସ୍ୟ ପ୍ରଦାନ କଲେ ।
୨୫ ପରାକ୍ରମୀଗଣର ଆହାର ମନୁଷ୍ୟ ଭୋଜନ କଲା; ସେ ସେମାନଙ୍କ ତୃପ୍ତି ପର୍ଯ୍ୟନ୍ତ ଭକ୍ଷ୍ୟ ପଠାଇଲେ ।

ମଲାଖୀ ୩:୧୦
ଆମ୍ଭର ଗୃହରେ ଯେପରି ଖାଦ୍ୟ ରହିବ, ଏଥିପାଇଁ ତୁମ୍ଭେମାନେ ଆମ୍ଭର ଭଣ୍ଡାରକୁ ସମ୍ପୂର୍ଣ୍ଣ ଦଶମାଂଶ ଆଣ, ଆଉ ଆମ୍ଭେ ଆକାଶସ୍ଥ ଦ୍ୱାରସବୁ ମୁକ୍ତ କରି, ରଖିବା ପାଇଁ ସ୍ଥାନ ନିଅଣ୍ଟ ହେବା ପର୍ଯ୍ୟନ୍ତ ତୁମ୍ଭମାନଙ୍କ ଉପରେ ଆଶୀର୍ବାଦରୂପ ବୃଷ୍ଟି ବର୍ଷାଇବା କି ନାହିଁ, ଏତଦ୍ ବିଷୟରେ ଏବେ ଆମ୍ଭର ପରୀକ୍ଷା ନିଅ ।

ଉପରୋକ୍ତ ଶାସ୍ତ୍ରାଂଶସବୁରେ ସ୍ୱର୍ଗର ଦ୍ୱାରସବୁ ଖୋଲିଯିବା ଓ ଈଶ୍ୱରଙ୍କ ଲୋକମାନଙ୍କ ଜୀବନରେ ସ୍ୱର୍ଗୀୟ ବ୍ୟବସ୍ଥା ଉପଲବ୍ଧ ହେବା ବିଷୟରେ କୁହାଯାଏ । ଲୋକମାନଙ୍କର ଆବଶ୍ୟକତାସବୁକୁ ଅଲୌକିକ ଭାବରେ ପୂରଣ କରାଯାଏ । ଚାକିରୀ, ପଦୋନ୍ନତି, ଆର୍ଥିକ ସ୍ୱଚ୍ଛଳ ଅବସ୍ଥା, ବ୍ୟବସାୟରେ ଉନ୍ନତି, ଋଣ ପରିଶୋଧ, ଯାହା ହଜିଛି ମିଳିଯିବା, ଭୁଲରେ ନେଇଯାଇଥିବା ଜିନିଷକୁ ଫେରାଇ ଦେବା, ଇତ୍ୟାଦି, ଯାହା ଜାଗତିକ ଆଶୀର୍ବାଦ ରୂପେ ପରିଗଣିତ ତାହା ଈଶ୍ୱରଙ୍କ ଲୋକମାନଙ୍କ ଜୀବନରେ ଘଟିଥାଏ । ଏହାର ଅର୍ଥ ନୁହେଁ ଯେ ଅନ୍ୟ ସମୟମାନଙ୍କରେ ଏପରି ଘଟେ ନାହିଁ । ଈଶ୍ୱର ତାଙ୍କ ବାକ୍ୟ ପ୍ରତି ବିଶ୍ୱସ୍ତ ଓ ଆମର ସମସ୍ତ ଅଭାବ ପୂରଣ କରନ୍ତି (ଫିଲୁପୀୟ ୪:୧୯) । ତେବେ ଆମେ ସର୍ବଦା ବିଶ୍ୱାସରେ ଚାଲିବାକୁ ହେବ ଯେପରି ଆମେ ଆମର ଆବଶ୍ୟକତା ଓ ଅଭାବ ପୂରଣ ନିମନ୍ତେ ଆମର ପ୍ରାର୍ଥନାର ଉତ୍ତର ପାଇବା (ମାର୍କ ୧୧:୨୪) । କିନ୍ତୁ ଉନ୍ମୁକ୍ତ ସ୍ୱର୍ଗ କାଳରେ ଈଶ୍ୱରଙ୍କ ଲୋକମାନଙ୍କ ଉପରେ ଜାଗତିକ ଆଶୀର୍ବାଦସବୁର ବୃଷ୍ଟି ହୋଇଥାଏ ଏବଂ ନିଃସନ୍ଦେହରୂପେ କୁହାଯିବ ଯେ କିଛିଟା ଭିନ୍ନ ବିଷୟ ଘଟିଥାଏ ।

## ଉନ୍ମୁକ୍ତ ସ୍ୱର୍ଗ କହିଲେ ଈଶ୍ୱରଙ୍କ ଆତ୍ମାଙ୍କ ବୃଷ୍ଟି

**ମାଥିଉ ୩:୧୬**
**ଯୀଶୁ ବାପ୍ତିଜିତ ହେଲାକ୍ଷଣି ଜଳରୁ ଉଠି ଆସିଲେ, ଆଉ ଦେଖ, ଆକାଶ ଉନ୍ମୁକ୍ତ ହେଲା, ପୁଣି ସେ ଈଶ୍ୱରଙ୍କ ଆତ୍ମାଙ୍କୁ କପୋତପରି ଅବତରଣ କରି ଆପଣା ଉପରକୁ ଆସିବା ଦେଖିଲେ ।**

ଏଠାରେ "ସ୍ୱର୍ଗ ବା ଆକାଶ ଉନ୍ମୁକ୍ତ ହେଲା", ଈଶ୍ୱରଙ୍କ ଆତ୍ମାଙ୍କ ବୃଷ୍ଟି ବିଷୟରେ କୁହାଯାଇଛି । ଯୀଶୁ ଆତ୍ମାଙ୍କର ଅଭିଷେକ ପାଇଲେ ଓ ସେ ଅସୀମିତରୂପେ ଆତ୍ମାଙ୍କୁ ପ୍ରାପ୍ତ ହୋଇଥିଲେ (ଲୂକ ୪:୧୭, ପ୍ରେରିତ ୧୦:୩୮, ଯୋହନ ୩:୩୪) । ଏହା ଫଳରେ ଯୀଶୁ ଶକ୍ତିଶାଳୀରୂପେ ଲୋକମାନଙ୍କ ମଧ୍ୟରେ ଆଶ୍ଚର୍ଯ୍ୟକର୍ମ, ଚିହ୍ନ ଓ ଶକ୍ତିର କାର୍ଯ୍ୟ କରିଥିଲେ । ଆମେ ନିର୍ଭୁଲ ଭାବରେ କହିପାରୁ ଯେ, ଯୀଶୁ ଯେଉଁଠାକୁ ଗଲେ ସେଠାରେ ଉନ୍ମୁକ୍ତ ସ୍ୱର୍ଗ ବିରାଜମାନ ଥିଲା । ତାଙ୍କ ନିମନ୍ତେ ସ୍ୱର୍ଗ ସବୁବେଳେ ଉନ୍ମୁକ୍ତ ରହିଥିଲା । ଏହା ସ୍ୱର୍ଗୀୟ ପରିଦର୍ଶନର ସମୟ ଥିଲା । ଈଶ୍ୱର ତାଙ୍କ ଲୋକମାନଙ୍କୁ କୃପାଦୃଷ୍ଟି କରିଥିଲେ (ଲୂକ ୧:୬୮, ୭:୧୬) ।

ପ୍ରେରିତ ପୁସ୍ତକର ପ୍ରଥମ ଆଠ ପର୍ବ ଯିରୂଶାଲମ ଉପରେ ସ୍ୱର୍ଗ ଉନ୍ମୁକ୍ତ ହେବାର ଆଶ୍ଚର୍ଯ୍ୟଜନକ ସମୟ ଥିଲା, ଯାହା ଯୀଶୁଙ୍କ ସେବାକାର୍ଯ୍ୟ ପରେ ଘଟିଥିଲା । ଏହି

ସମୟରେ ଈଶ୍ୱରଙ୍କ ଆତ୍ମାଙ୍କର ଶକ୍ତିଶାଳୀ ବୃଷ୍ଟି ଅନୁଭୂତ ହୋଇଥିଲା (ପ୍ରେରିତ ୨:୧୭,୧୮) । ଏହା ଫଳରେ ଅଦ୍ଭୁତ କର୍ମ, ଚିହ୍ନ ଓ ଶକ୍ତିର କାର୍ଯ୍ୟ ଶକ୍ତିଶାଳୀ ଭାବରେ ପ୍ରଦର୍ଶିତ ହୋଇଥିଲା ଓ ବହୁସଂଖ୍ୟାରେ ଲୋକେ ପ୍ରଭୁଙ୍କ ପ୍ରତି ଫେରିଥିଲେ (ପ୍ରେରିତ ୨:୪୩,୪୭) ।

## ଉନ୍ମୁକ୍ତ ସ୍ୱର୍ଗ କହିଲେ ଈଶ୍ୱରଙ୍କ ଧାର୍ମିକତା ଓ ଉପସ୍ଥିତିର ବୃଷ୍ଟି

ଯିଶାଇୟ ୪୫:୮

ହେ ଆକାଶମଣ୍ଡଳ, ତୁମ୍ଭେମାନେ ଉପରରୁ ଦର୍ଷଣ କର, ମେଘମାଳ ଧର୍ମବୃଷ୍ଟି କରୁ; ଯେପରି ପରିତ୍ରାଣ ଉତ୍ପନ୍ନ ହେବ, ଏଥିପାଇଁ ପୃଥିବୀ ବିଦୀର୍ଣ୍ଣ ହେଉ ଓ ସେ ଧାର୍ମିକତା ଏକତ୍ର ଅଙ୍କୁରିତ କରାଉ; ଆମ୍ଭେ ସଦାପ୍ରଭୁ ଏହା ସୃଷ୍ଟି କରିଅଛୁ ।

ହୋଶେୟ ୬:୧-୩

୧ ଆସ, ଆମ୍ଭେମାନେ ସଦାପ୍ରଭୁଙ୍କ ନିକଟକୁ ଫେରି ଯାଉ; କାରଣ ସେ ବିଦୀର୍ଣ୍ଣ କରିଅଛନ୍ତି ଓ ସେ ଆମ୍ଭମାନଙ୍କୁ ସୁସ୍ଥ କରିବେ; ସେ ପ୍ରହାର କରିଅଛନ୍ତି ଓ ସେ ଆମ୍ଭମାନଙ୍କ କ୍ଷତ ବାନ୍ଧିବେ ।

୨ ଦୁଇ ଦିନ ଉତ୍ତାରେ ସେ ଆମ୍ଭମାନଙ୍କୁ ସଂଜୀବିତ କରିବେ; ତୃତୀୟ ଦିନରେ ସେ ଆମ୍ଭମାନଙ୍କୁ ଉଠାଇବେ ଓ ଆମ୍ଭେମାନେ ତାହାଙ୍କ ଛାମୁରେ ବଞ୍ଚିବୁ ।

୩ ପୁଣି, ଆମ୍ଭେମାନେ ଜ୍ଞାତ ହେଉ, ସଦାପ୍ରଭୁଙ୍କୁ ଜ୍ଞାତ ହେବା ପାଇଁ ତାହାଙ୍କ ପଶ୍ଚାଦ୍‌ଗମନ କରୁ; ତାହାଙ୍କର ଉଦୟ ଅରୁଣୋଦୟର ତୁଲ୍ୟ ନିଶ୍ଚିତ; ଆଉ ସେ ଆମ୍ଭମାନଙ୍କ ନିକଟକୁ ବୃଷ୍ଟି ତୁଲ୍ୟ, ଭୂମି ସେଚନକାରୀ ଶେଷ ବୃଷ୍ଟି ତୁଲ୍ୟ ଆସିବେ ।

ସ୍ୱର୍ଗ ଉନ୍ମୁକ୍ତ ହେବା ସମୟରେ, ଈଶ୍ୱରଙ୍କର ଧାର୍ମିକତା ଓ ଉପସ୍ଥିତିର ବୃଷ୍ଟି ହୋଇଥାଏ, ଈଶ୍ୱର ଆମମାନଙ୍କ ନିକଟକୁ ବର୍ଷା ସଦୃଶ ଆସିଥାନ୍ତି । ଈଶ୍ୱରଙ୍କ ଲୋକମାନେ ଈଶ୍ୱରଙ୍କ ଉପସ୍ଥିତିର ସଚେତନତା ଓ ଜ୍ଞାନରେ ଏତେ ଭାବାଭିଭୂତ ହେଇଯାଆନ୍ତି ଯେ ଧାର୍ମିକତା, ପବିତ୍ରତା, ଶୁଦ୍ଧତା, ଶୁଚିତା ଓ ଆତ୍ମୋତ୍ସର୍ଗରେ ସେମାନେ ଏକ ନୂତନ ସ୍ତରକୁ ଉନ୍ନୀତ ହୋଇଥାନ୍ତି । ବ୍ୟକ୍ତିଗତ ଜୀବନରେ ସେମାନେ ପାପକୁ ସହ୍ୟ କରି ପାରନ୍ତି ନାହିଁ । ଈଶ୍ୱରଙ୍କ ଦୃଷ୍ଟିରେ ଯେଉଁସବୁ ଅଭ୍ୟାସ ଓ ବ୍ୟବହାର ଘୃଣାଜନକ ଯାହା ଆଗରୁ ଆମେ ଗ୍ରହଣ କରି ନେଇଥିଲୁ, ସେସବୁକୁ ଅଗ୍ରାହ୍ୟ ଓ ପରିହାର କରି ଦିଆଯାଏ ।

ଲୋକମାନଙ୍କର ହୃଦୟ ଈଶ୍ୱରଙ୍କ ଉପସ୍ଥିତିକୁ ପାଇବା ପାଇଁ, ଧାର୍ମିକତା ପ୍ରତି ତାଙ୍କର ଆହ୍ୱାନ ଓ ତାହାଙ୍କର ସମସ୍ତ ଇଚ୍ଛା ପୂରଣ ନିମନ୍ତେ ହୃଦୟ ଖୋଲାରହେ । ପ୍ରଭୁଙ୍କ ଜ୍ଞାନ ଆହରଣ କରିବା ପାଇଁ କ୍ଷୁଧା, ତୃଷା ବୃଦ୍ଧି ପାଏ ।

## ଉନ୍ମୁକ୍ତ ସ୍ୱର୍ଗ କହିଲେ ଦୂତମାନଙ୍କ କାର୍ଯ୍ୟକଳାପରେ ଅଭିବୃଦ୍ଧି

ଯୋହନ ୧ :୫୧
ପୁଣି ସେ ତାହାଙ୍କୁ କହିଲେ, ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ତୁମ୍ଭେମାନେ ସ୍ୱର୍ଗକୁ ଉନ୍ମୁକ୍ତ ଓ ଈଶ୍ୱରଙ୍କ ଦୂତମାନଙ୍କୁ ମନୁଷ୍ୟପୁତ୍ରଙ୍କ ଉପରେ ଆରୋହଣ ଓ ଅବତରଣ କରିବା ଦେଖିବ ।

ଆଦିପୁସ୍ତକ ୨୮ :୧୦-୧୭
୧୦ ଅନନ୍ତର ଯାକୁବ ବେରଶେବାରୁ ବାହାରି ହାରଣ ଆଡ଼କୁ ଯାତ୍ରା କଲା ।
୧୧ ପୁଣି ସୂର୍ଯ୍ୟାସ୍ତ ହେବାରୁ ସେ କୌଣସି ଏକ ସ୍ଥାନରେ ଉତ୍ତରି ରାତ୍ରି କ୍ଷେପଣ କଲା; ପୁଣି ସେ ସେହି ସ୍ଥାନରେ ଖଣ୍ଡିଏ ପ୍ରସ୍ତର ନେଇ ମସ୍ତକ ତଳେ ଦେଇ ନିଦ୍ରା ଯିବା ନିମନ୍ତେ ସେହି ସ୍ଥାନରେ ଶୟନ କଲା ।
୧୨ ତହିଁରେ ସେ ସ୍ୱପ୍ନ ଯୋଗେ ପୃଥିବୀରେ ସ୍ଥାପିତ ଗୋଟିଏ ସୋପାନ ଦେଖିଲା, ତହିଁର ମସ୍ତକ ଗଗନସ୍ପର୍ଶୀ; ପୁଣି ଦେଖ, ତାହା ଦେଇ ପରମେଶ୍ୱରଙ୍କ ଦୂତଗଣ ଆରୋହଣ ଓ ଅବରୋହଣ କରୁଅଛନ୍ତି ।
୧୩ ଆଉ ଦେଖ, ସଦାପ୍ରଭୁ ତହିଁ ଉପରେ ଠିଆ ହୋଇ କହିଲେ, ଆମ୍ଭେ ସଦାପ୍ରଭୁ ତୁମ୍ଭ ପୂର୍ବପୁରୁଷ ଅବ୍ରହାମର ପରମେଶ୍ୱର ଓ ଇସ୍‌ହାକର ପରମେଶ୍ୱର ଅଟୁ; ତୁମ୍ଭେ ଏହି ଯେଉଁ ଦେଶରେ ଶୟନ କରୁଅଛି, ତାହା ଆମ୍ଭେ ତୁମ୍ଭକୁ ଓ ତୁମ୍ଭ ବଂଶକୁ ଦେବା ।
୧୪ ତୁମ୍ଭର ବଂଶ ପୃଥିବୀର ଧୂଳି ପରି (ଅସଂଖ୍ୟ) ହେବେ, ପୁଣି ତୁମ୍ଭେ ପୂର୍ବ ଓ ପଶ୍ଚିମ ଓ ଉତ୍ତର ଓ ଦକ୍ଷିଣ, ଚାରିଆଡ଼େ ବୃଦ୍ଧି ପାଇବ; ପୁଣି ତୁମ୍ଭଠାରୁ ଓ ତୁମ୍ଭ ବଂଶଠାରୁ ପୃଥିବୀସ୍ଥ ଯାବତୀୟ ବଂଶ ଆଶୀର୍ବାଦ ପାଇବେ ।
୧୫ ପୁଣି ଦେଖ, ଆମ୍ଭେ ତୁମ୍ଭର ସହାୟ ଅଟୁ, ଆଉ ତୁମ୍ଭେ ଯେଉଁ ଯେଉଁ ସ୍ଥାନକୁ ଯିବ, ସେହି ସେହି ସ୍ଥାନରେ ଆମ୍ଭେ ତୁମ୍ଭକୁ ରକ୍ଷା କରିବା ଓ ପୁନର୍ବାର ତୁମ୍ଭକୁ ଏ ଦେଶକୁ ଆଣିବା; କାରଣ ଆମ୍ଭେ ଯାହା ତୁମ୍ଭକୁ କହିଅଛୁ, ତାହା ସଫଳ ନ କରିବା ଯାଏ ଆମ୍ଭେ ତୁମ୍ଭକୁ ପରିତ୍ୟାଗ କରିବା ନାହିଁ ।
୧୬ ଅନନ୍ତର ନିଦ୍ରାଭଙ୍ଗ ହୁଅନ୍ତେ, ଯାକୁବ ଜାଗ୍ରତ ହୋଇ କହିଲା, ଅବଶ୍ୟ ଏହି ସ୍ଥାନରେ ସଦାପ୍ରଭୁ ଅଛନ୍ତି; ମାତ୍ର ମୁଁ ତାହା ଜାଣିଲି ନାହିଁ ।
୧୭ ପୁଣି ସେ ଭୀତ ହୋଇ ଆହୁରି କହିଲା, ଏ କିପରି ଭୟାନକ ସ୍ଥାନ ! ଏ ତ ନିତାନ୍ତ ପରମେଶ୍ୱରଙ୍କର ଗୃହ, ଏହି ତ ସ୍ୱର୍ଗର ଦ୍ୱାର ।

ଦୂତମାନେ ବିଶ୍ୱାସୀମାନଙ୍କୁ ସେବା କରିବାକୁ ପ୍ରେରିତ ସେବାକାରୀ ଆତ୍ମା ଅଟନ୍ତି (ଏବ୍ରୀ ୧:୧୪)। ଉନ୍ମୁକ୍ତ ସ୍ୱର୍ଗ କାଳରେ ଦୂତମାନଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଇଥାଏ। ଲୋକମାନେ ଦୂତମାନଙ୍କୁ ସାକ୍ଷାତ କରିଥିବାର ଅନୁଭୂତି ଲାଭ କରିଥାନ୍ତି।

ଈଶ୍ୱରଙ୍କ ଲୋକ ଭାବରେ ଆମମାନଙ୍କ ପ୍ରତି ଦୂତମାନଙ୍କ ସେବାକାର୍ଯ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ, ଯଦିବା ଏହି ପ୍ରସଙ୍ଗ ଉପରେ କ୍ୱଚିତ୍ ପ୍ରଚାର କରାଯାଇଥାଏ। ପ୍ରାନ୍ତରରେ ଯୀଶୁ ପରୀକ୍ଷିତ ହେବା ପରେ ସେ ଦୂତମାନଙ୍କ ଦ୍ୱାରା ସେବିତ ହୋଇଥିଲେ (ମାଥିଉ ୪:୧୧)। ଗେଥ୍ଶିମାନୀ ଉଦ୍ୟାନରେ ଯୀଶୁ ଯେତେବେଳେ ଯନ୍ତ୍ରଣାଗ୍ରସ୍ତ ହୋଇଥିଲେ, ଜଣେ ଦୂତ ଆସି ତାଙ୍କୁ ଶକ୍ତି ପ୍ରଦାନ କରିଥିଲେ (ଲୂକ ୨୨:୪୩)। ଯଦି ଯୀଶୁଙ୍କୁ ଏପ୍ରକାର ସେବା ପ୍ରଦାନ କରାଯାଉଥିଲା, ତେବେ ଆପଣ ଓ ମୁଁ କେତେ ଅଧିକରୂପେ ଦୂତମାନଙ୍କ ସେବାକାର୍ଯ୍ୟ ଦ୍ୱାରା ଉପକୃତ ନ ହେବା।

ପ୍ରେରିତମାନେ ମଧ୍ୟ ଦୂତମାନଙ୍କ ସେବା ପାଇଥିଲେ। ଜଣେ ଦୂତ ପ୍ରେରିତମାନଙ୍କୁ କାରାଗାରରୁ ବାହାର କରି ଆଣିଥିଲେ (ପ୍ରେରିତ ୩:୧୯)। ଜଣେ ଦୂତ ଫିଲିପଙ୍କୁ ଗାଜା ପ୍ରାନ୍ତରକୁ ଯାଇ ଖ୍ରୀଷ୍ଟଙ୍କ ବିଷୟ କହିବାକୁ କହିଲେ। ସେଠାରେ ସେ ଇଥିୟୋପିୟାର ଜଣେ ବ୍ୟକ୍ତିଙ୍କ ନିକଟରେ ପ୍ରଚାର କରିଥିଲେ (ପ୍ରେରିତ ୮:୨୬)। ଜଣେ ଦୂତ ପିତରଙ୍କୁ କାରାଗାରରୁ ବାହାର କରି ଆଣିଲେ (ପ୍ରେରିତ ୧୨:୭-୧୧)। ପ୍ରେରିତ ପୁସ୍ତକରେ ଦୂତମାନେ ଅନ୍ୟ କେତେକ କାର୍ଯ୍ୟ କରିଥିବା ବିଷୟ ଉଲ୍ଲେଖ କରାଯାଏ। ଜଣେ ଦୂତ କର୍ଣ୍ଣେଲୀୟଙ୍କ ନିକଟକୁ ଯାଇ ପିତରଙ୍କୁ ଡକାଇବାକୁ କହିଥିଲେ (ପ୍ରେରିତ ୧୦:୩,୭,୨୨)। ଏହାଦ୍ୱାରା ଅଣଯିହୁଦୀମାନଙ୍କ ନିକଟରେ ସୁସମାଚାର ପ୍ରଚାରିତ ହେଲା, ଯାହା ଆଦ୍ୟ ମଣ୍ଡଳୀର ଆଭିମୁଖ୍ୟରେ ବିଶେଷ ପରିବର୍ତ୍ତନ ଆଣିଥିଲା। ଜଣେ ଦୂତ ହେରୋଦଙ୍କୁ ଆଘାତ କରିଥିଲେ, ସେଥିରେ ସେ ମରିଥିଲେ (ପ୍ରେରିତ ୧୨:୨୧-୨୩)। ଜଣେ ଦୂତ ପାଉଲଙ୍କୁ ଦର୍ଶନ ଦେଇ କହିଲେ ଯେ ତାଙ୍କର ଜୀବନ ପ୍ରତି ଏବଂ ତାଙ୍କ ସାଥୀମାନଙ୍କ ଜୀବନ ପ୍ରତି ବିପଦ ନାହିଁ, ଯଦିବା ସେମାନେ ଝଡ଼ର ସମ୍ମୁଖୀନ ହୋଇଥିଲେ ଓ ସେମାନଙ୍କ ଜାହାଜ ଭଙ୍ଗ ହୋଇଥିଲା (ପ୍ରେରିତ ୨୭:୨୩)। ଏପରି ଅନେକ ମାର୍ଗରେ ଦୂତମାନେ ଆମମାନଙ୍କୁ ସେବା ପ୍ରଦାନ କରିଥାନ୍ତି। ଦୂତମାନେ ଆମମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତି (ଗୀତସଂହିତା ୯୧:୧୧), ସ୍ୱପ୍ନ ମାଧ୍ୟମରେ ଆମକୁ କଥା କହନ୍ତି (ମାଥିଉ ୧:୨୦), ଆମମାନଙ୍କ ଜୀବନ ମଧ୍ୟକୁ ସ୍ୱର୍ଗୀୟ ବ୍ୟବସ୍ଥା ଉପଲବ୍ଧ କରାନ୍ତି, ଅଲୌକିକ ସୁସ୍ଥତା ଆଣନ୍ତି (ଯୋହନ ୫:୪), ଶାରୀରିକ ଅବସ୍ଥାରେ ପରିବର୍ତ୍ତନ ଆଣନ୍ତି (ଲୂକ ୧:୧୮-୨୦), ଆମମାନଙ୍କ ସମର୍ପଣରେ ଓ ଆମକୁ ପରିଷ୍କୃତ କରିବାରେ ସାହାଯ୍ୟ କରନ୍ତି (ଯିଶାଇୟ ୬:୬-୭), ଇତ୍ୟାଦି।

## ଉନ୍ମୁକ୍ତ ସ୍ୱର୍ଗ କହିଲେ ଅଧିକ ଦର୍ଶନ, ଅଧିକ ପ୍ରକାଶନ ଓ ଅଧିକରୂପେ ଈଶ୍ୱରଙ୍କ ସଙ୍ଗେ ସାକ୍ଷାତ

ଯିହିଜିକଲ ୧:୧
ତିରିଶ୍ ବର୍ଷର ଚତୁର୍ଥ ମାସର ପଞ୍ଚମ ଦିନରେ କବାର ନଦୀ କୂଳରେ ବନ୍ଦୀମାନଙ୍କ ମଧ୍ୟରେ ମୁଁ ଥିବା ସମୟରେ ସ୍ୱର୍ଗ ମୁକ୍ତ ହେଲା, ତହିଁରେ ମୁଁ ଈଶ୍ୱରୀୟ ଦର୍ଶନମାନ ପାଇଲି ।

ପ୍ରେରିତ ୭:୫୫-୫୬
୫୫ କିନ୍ତୁ ସେ ପବିତ୍ରଆତ୍ମାରେ ପୂର୍ଣ୍ଣ ହୋଇ ସ୍ୱର୍ଗ ପ୍ରତି ସ୍ଥିର ଦୃଷ୍ଟିରେ ଚାହିଁଲେ, ଆଉ ଈଶ୍ୱରଙ୍କ ମହିମା ଓ ଯୀଶୁଙ୍କୁ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଠିଆ ହୋଇଥିବା ଦେଖି କହିଲେ,
୫୬ ଦେଖନ୍ତୁ, ମୁଁ ସ୍ୱର୍ଗକୁ ଉନ୍ମୁକ୍ତ ଓ ମନୁଷ୍ୟପୁତ୍ରଙ୍କୁ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଠିଆ ହୋଇଥିବା ଦେଖୁଅଛି ।

ପ୍ରେରିତ ୧୦:୯-୧୭
୯ ପରଦିନ ସେମାନେ ଯାଉ ଯାଉ ଯେତେବେଳେ ସେହି ନଗରର ନିକଟବର୍ତ୍ତୀ ହେଲେ, ସେତେବେଳେ ପିତର ପ୍ରାୟ ଦିନ ବାର ଘଣ୍ଟା ସମୟରେ ପ୍ରାର୍ଥନା କରିବା ନିମନ୍ତେ ଛାତ ଉପରକୁ ଗଲେ,
୧୦ ଆଉ ସେ କ୍ଷୁଧିତ ହୋଇ ଭୋଜନ କରିବାକୁ ଇଚ୍ଛା କଲେ, କିନ୍ତୁ ସେମାନେ ଖାଦ୍ୟ ପ୍ରସ୍ତୁତ କରୁଥିବା ସମୟରେ ସେ ମୂର୍ଚ୍ଛିତ ହୋଇ ଦର୍ଶନ ପାଇ ଦେଖିଲେ,
୧୧ ଆକାଶ ଉନ୍ମୁକ୍ତ ହୋଇଅଛି, ପୁଣି ଗୋଟିଏ ପାତ୍ର ତଳକୁ ଆସୁଅଛି, ଯେପରି ଗୋଟିଏ ବଡ଼ ଚାଦର ଚାରି କୋଣରେ ଧରା ହୋଇ ପୃଥିବୀ ଉପରକୁ ଖସାଇଦିଆଯାଉଅଛି;
୧୨ ସେଥିରେ ପୃଥିବୀର ସର୍ବପ୍ରକାର ଚତୁଷ୍ପଦ ପ୍ରାଣୀ, ସରୀସୃପ ଓ ଆକାଶର ପକ୍ଷୀଗୁଡ଼ିକ ଅଛନ୍ତି ।
୧୩ ଆଉ, ତାଙ୍କ ପ୍ରତି ଏହି ବାଣୀ ହେଲା, ହେ ପିତର, ଉଠ, ବଧ କରି ଭୋଜନ କର ।
୧୪ କିନ୍ତୁ ପିତର କହିଲେ, ନାହିଁ, ପ୍ରଭୋ, ମୁଁ କେବେ ହେଲେ କୌଣସି ଅପବିତ୍ର ଓ ଅଶୁଚି ପଦାର୍ଥ ଭୋଜନ କରି ନାହିଁ ।
୧୫ ପୁନଶ୍ଚ ଦ୍ୱିତୀୟ ଥର ତାଙ୍କ ପ୍ରତି ଏହି ବାଣୀ ହେଲା, ଈଶ୍ୱର ଯାହା ଶୁଚି କରିଅଛନ୍ତି, ତାହା ତୁମ୍ଭେ ଅଶୁଚି ବୋଲି ନ କୁହ ।
୧୬ ଏହି ପ୍ରକାର ତିନି ଥର ହେଲା, ଆଉ ତତ୍‌କ୍ଷଣାତ୍ ସେହି ପାତ୍ରଟି ଆକାଶକୁ ଉଠାଇନିଆଗଲା ।
୧୭ ପିତର ଯେଉଁ ଦର୍ଶନ ପାଇଥିଲେ, ସେଥିର ଅର୍ଥ କଅଣ, ତାହା ଭାବି ସେ ହତବୁଦ୍ଧି ହେଉଥିବା ସମୟରେ, ଦେଖ, କର୍ଣ୍ଣଲୀୟଙ୍କ ପ୍ରେରିତ ଲୋକମାନେ ଶିମୋନଙ୍କ ଗୃହର ଅନୁସନ୍ଧାନ କରି ଦ୍ୱାର ନିକଟରେ ଠିଆ ହେଲେ ।

ପ୍ରକାଶିତ ବାକ୍ୟ ୪:୧,୨
୧ ଏହାପରେ ମୁଁ ଦୃଷ୍ଟିପାତ କଲି, ଆଉ ଦେଖ, ସ୍ୱର୍ଗରେ ଗୋଟିଏ ଦ୍ୱାର ଉନ୍ମୁକ୍ତ; ପୁଣି ତୂରୀଶବ୍ଦ ସଦୃଶ ମୋ' ସହିତ କହୁଥିବା ଯେଉଁ ସ୍ୱର ମୁଁ ପୂର୍ବରେ ଶୁଣିଥିଲି, ତାହା କହିଲା, ଏଠାକୁ ଉଠିଆସ; ଯାହାସବୁ ଏହାପରେ ଅବଶ୍ୟ ଘଟିବ, ସେହିସବୁ ଆମ୍ଭେ ତୁମ୍ଭକୁ ଦେଖାଇବୁ ।

୨ ସେହିକ୍ଷଣି ମୁଁ ଆତ୍ମାରେ ଆବିଷ୍ଟ ହେଲି, ଆଉ ଦେଖ, ସ୍ୱର୍ଗରେ ଗୋଟିଏ ସିଂହାସନ ସ୍ଥାପିତ ହୋଇଅଛି, ପୁଣି ସିଂହାସନ ଉପରେ ଜଣେ ଉପବିଷ୍ଟ ଅଛନ୍ତି ।

ପ୍ରକାଶିତ ବାକ୍ୟ ୧୯:୧୧

ତତ୍ପରେ ମୁଁ ସ୍ୱର୍ଗକୁ ଉନ୍ମୁକ୍ତ ଦେଖିଲି, ଆଉ ଦେଖ, ଗୋଟିଏ ଶ୍ୱେତବର୍ଣ୍ଣ ଅଶ୍ୱ; ତାହାର ଆରୋହୀଙ୍କ ନାମ ବିଶ୍ୱସ୍ତ ଓ ସତ୍ୟ; ସେ ନ୍ୟାଯ୍ୟରୂପେ ବିଚାର ଓ ଯୁଦ୍ଧ କରନ୍ତି ।

ଧର୍ମଶାସ୍ତ୍ରର ବିଭିନ୍ନ ସ୍ଥାନରେ ଲେଖାଯାଏ ଯେ ସ୍ୱର୍ଗ ଉନ୍ମୁକ୍ତ ହେବାରୁ ଲୋକମାନେ ଦର୍ଶନ ଦେଖିଲେ, ପ୍ରକାଶନ ପାଇଲେ ଓ ଈଶ୍ୱରଙ୍କୁ ସାକ୍ଷାତ କଲେ । ପାଉଲ ଲେଖନ୍ତି ଯେ ସେ ତୃତୀୟ ସ୍ୱର୍ଗ ଓ ପାରଦୀଶକୁ ନିଆଯାଇଥିଲେ ଓ ସେଠାରେ ଅନେକ ବିଷୟ ଶୁଣିଲେ ଯାହା ପ୍ରକାଶ ନ କରିବାକୁ ତାଙ୍କୁ କୁହାଯାଇଥିଲା (୧କରିନ୍ଥୀୟ ୧୨:୧-୪) । ଆତ୍ମିକ ବୃଷ୍ଟି ଓ ସ୍ୱର୍ଗୀୟ ପରିଦର୍ଶନ ସମୟରେ ଲୋକମାନେ ଉନ୍ମୁକ୍ତ ସ୍ୱର୍ଗ ତଳେ ରହନ୍ତି ଏବଂ ଈଶ୍ୱରଙ୍କ ଲୋକମାନେ ଅଧିକ ମାତ୍ରାରେ ଦର୍ଶନ, ପ୍ରକାଶନ ଓ ସ୍ୱପ୍ନ ପାଆନ୍ତି । ଯେଉଁମାନେ ସାଧାରଣତଃ କେବେ ଦର୍ଶନ ଓ ପ୍ରକାଶନ ସମୂହ ପାଇ ନ ଥିଲେ ସେମାନେ ସୁଦ୍ଧା ଏସବୁ ଅନୁଭବ କରନ୍ତି । ଅନେକ ପ୍ରକାଶନକାରୀ ଦାନସମୂହ, ଯଥା: ବୁଦ୍ଧିର ବାକ୍ୟ, ଜ୍ଞାନର ବାକ୍ୟ ଓ ଆତ୍ମାମାନଙ୍କୁ ଚିହ୍ନିବା ସେମାନେ ସହଜରେ ପ୍ରାପ୍ତ ହୋଇଥାନ୍ତି । ଅନେକ ପ୍ରକାଶନ ଜୀବନ ପରିବର୍ତ୍ତନକାରୀ, ଭାଗ୍ୟ ପରିବର୍ତ୍ତନକାରୀ, ନୂତନ ସେବାକାର୍ଯ୍ୟର ଆରମ୍ଭ, ଇତ୍ୟାଦି ହୋଇଥାଏ ।

## ଉନ୍ମୁକ୍ତ ସ୍ୱର୍ଗ କହିଲେ ପ୍ରାର୍ଥନାର ଉତ୍ତର ପାଇବା

ଦ୍ୱିତୀୟ ବଂଶାବଳୀ ୩୦:୨୬,୨୭

୨୬ ଏହିରୂପେ ଯିରୂଶାଲମରେ ମହାନନ୍ଦ ହେଲା; କାରଣ ଇସ୍ରାଏଲର ରାଜା ଦାଉଦଙ୍କର ପୁତ୍ର ଶଲୋମନଙ୍କ ସମୟଠାରୁ ଯିରୂଶାଲମରେ ଏପରି ଆଉ ହୋଇ ନ ଥିଲା ।

୨୭ ଏଉତ୍ତାରେ ଲେବୀୟ ଯାଜକମାନେ ଉଠି ଲୋକମାନଙ୍କୁ କଲ୍ୟାଣ କଲେ; ପୁଣି ସେମାନଙ୍କ ରବରେ ମନୋଯୋଗ କରାଗଲା ଓ ସେମାନଙ୍କ ପ୍ରାର୍ଥନା ତାହାଙ୍କ ପବିତ୍ର ବାସସ୍ଥାନ ସ୍ୱର୍ଗ ପର୍ଯ୍ୟନ୍ତ ପ୍ରବେଶ କଲା ।

ଆମେ ଜାଣୁ ଯେ ଈଶ୍ୱର ସବୁସମୟରେ ଆମର ପ୍ରାର୍ଥନା ଶୁଣନ୍ତି ଓ ଉତ୍ତର ଦିଅନ୍ତି । ତେବେ ଉନ୍ମୁକ୍ତ ସ୍ୱର୍ଗ କାଳରେ, ଯେପରି ହିଜକିୟଙ୍କ ସମୟର ଉଦ୍ଦୀପନାରେ ଯେପରି ଘଟିଥିଲା, ପ୍ରାର୍ଥନାର ଉତ୍ତରସବୁ ସହଜରେ ଓ ଶୀଘ୍ର ମିଳିଯାଏ । ଏହାର ତୁଳନାରେ ସ୍ୱର୍ଗରୁ ଉତ୍ତର ପାଇବା ନିମନ୍ତେ ଦାନିୟେଲ ୨୧ଦିନ ଧରି ପ୍ରଗାଢ଼ ପ୍ରାର୍ଥନା କରୁଥିଲେ ଓ ଅପେକ୍ଷାରତ ଥିଲେ (ଦାନିୟେଲ ୧୦:୧-୧୩) । ପ୍ରାର୍ଥନାର ଉତ୍ତରକୁ ଯେଉଁ ପୈଶାଚିକ ଶକ୍ତି ଅବରୋଧ କରିଥାନ୍ତି ସେଥିରେ ହ୍ରାସ ଘଟେ ଏବଂ ଦୂତଗଣ ପ୍ରାର୍ଥନାର ମହାନ ଉତ୍ତରସବୁ ନେଇ ଅବାଧରେ ଆସିପାରନ୍ତି ।

# ୩

# ସ୍ୱର୍ଗ ଉନ୍ମୁକ୍ତ ହେବାର କାରଣ କ'ଣ ?

ଆମ ନଗର ଉପରେ, ସମ୍ପ୍ରଦାୟ ଓ ଅଞ୍ଚଳ ଉପରେ ଯଦି ସ୍ୱର୍ଗ ଉନ୍ମୁକ୍ତ ହେଉ ବୋଲି ଆମେ ଚାହୁଁ ତେବେ ଆମେ କିଛି କରିବାକୁ ହେବ କି ? ତେବେ, କ'ଣ ସବୁ ପଦକ୍ଷେପ ନେବାକୁ ହେବ ?

ଏହା ଯଦିବା ସତ୍ୟ ଯେ ଈଶ୍ୱର ତାଙ୍କର ସାର୍ବଭୌମତ୍ୟରେ ବେଳେବେଳେ ସ୍ୱର୍ଗକୁ ବିଦୀର୍ଣ୍ଣ କରି ଅନପେକ୍ଷିତ ଭାବରେ ଓହ୍ଲାଇ ଆସନ୍ତି, ତେବେ ଧର୍ମଶାସ୍ତ୍ର ଓ ଇତିହାସ ଆମକୁ ଶିକ୍ଷା ଦିଏ ଯେ ସ୍ୱର୍ଗକୁ ଉନ୍ମୁକ୍ତ ଦେଖିବାକୁ ହେଲେ ଈଶ୍ୱରଙ୍କ ଲୋକମାନେ ଅନେକ ବିଷୟ କରିବା ଉଚିତ ।

## ଈଶ୍ୱରଙ୍କର ପ୍ରଗାଢ଼ ଅନୁସରଣ

ହୋଶେୟ ୬:୧-୩

୧ ଆସ, ଆମ୍ଭେମାନେ ସଦାପ୍ରଭୁଙ୍କ ନିକଟକୁ ଫେରି ଯାଉ; କାରଣ ସେ ବିଦୀର୍ଣ୍ଣ କରିଅଛନ୍ତି ଓ ସେ ଆମ୍ଭମାନଙ୍କ ସୁସ୍ଥ କରିବେ; ସେ ପ୍ରହାର କରିଅଛନ୍ତି ଓ ସେ ଆମ୍ଭମାନଙ୍କ କ୍ଷତ ବାନ୍ଧିବେ ।

୨ ଦୁଇ ଦିନ ଉତ୍ତାରେ ସେ ଆମ୍ଭମାନଙ୍କୁ ସଂଜୀବିତ କରିବେ; ତୃତୀୟ ଦିନରେ ସେ ଆମ୍ଭମାନଙ୍କୁ ଉଠାଇବେ ଓ ଆମ୍ଭେମାନେ ତାହାଙ୍କ ଛାମୁରେ ବଞ୍ଚିବୁ ।

୩ ପୁଣି, ଆମ୍ଭେମାନେ ଜ୍ଞାତ ହେଉ, ସଦାପ୍ରଭୁଙ୍କୁ ଜ୍ଞାତ ହେବା ପାଇଁ ତାହାଙ୍କ ପଶ୍ଚାଦ୍‍ଗମନ କରୁ; ତାହାଙ୍କର ଉଦୟ ଅରୁଣୋଦୟର ତୁଲ୍ୟ ନିଶ୍ଚିତ; ଆଉ ସେ ଆମ୍ଭମାନଙ୍କ ନିକଟକୁ ବୃଷ୍ଟି ତୁଲ୍ୟ, ଭୂମି ସେଚନକାରୀ ଶେଷ ବୃଷ୍ଟି ତୁଲ୍ୟ ଆସିବେ ।

ଆମେ ଈଶ୍ୱରଙ୍କ ଲୋକମାନେ ଯଦି ଈଶ୍ୱରଙ୍କ ପ୍ରତି ଫେରି ତାଙ୍କର ଅନୁସରଣ କରୁ, ତେବେ ଧର୍ମଶାସ୍ତ୍ର ନିଶ୍ଚିତତା ଦିଏ ଯେ ଈଶ୍ୱର ବର୍ଷା ଆସିବା ପରି ଆମ ନିକଟକୁ ଆସିବେ । ଆମମାନଙ୍କ ଉପରେ ଈଶ୍ୱରଙ୍କର ଉପସ୍ଥିତି ଓ ଶକ୍ତିର ବୃଷ୍ଟି ହେବ ।

ଈଶ୍ୱରଙ୍କର ଆନ୍ତରିକ ଅନୁସରଣ କରିବାର ଅର୍ଥ ଈଶ୍ୱରଙ୍କ ପାଇଁ ଗଭୀର ଭାବେ କ୍ଷୁଧିତ ହେବା, ଅନୁତାପ ଓ ଆତ୍ମୋତ୍ସର୍ଗ କରିବା ଏବଂ ଈଶ୍ୱରଙ୍କ ପ୍ରତି ସମର୍ପିତ ହେବା ଓ

ନିରବଚ୍ଛିନ୍ନ ଭାବରେ ତାଙ୍କର ଅନ୍ୱେଷଣ କରିବା । ହରିଣୀ ଯେପରି ଜଳସ୍ରୋତ ପାଇଁ ଧକାଏ ଈଶ୍ୱରଙ୍କ ପାଇଁ ଆମର ହୃଦୟ ସେହିପରି କ୍ଷୁଧିତ ହେବା ଆବଶ୍ୟକ (ଗୀତସଂହିତା ୪୨:୧) । ଇତିହାସରେ ଅନେକ ଶକ୍ତିଶାଳୀ ସାକ୍ଷ୍ୟ ରହିଛି କିପରି ବିଶ୍ୱାସୀମାନେ ଦଳଗତ ଓ ବ୍ୟକ୍ତିଗତ ଭାବରେ ପ୍ରାର୍ଥନା, ପ୍ରଶଂସା ଓ ଉପାସନା କରି ଈଶ୍ୱରଙ୍କ ସାନ୍ନିଧ୍ୟରେ ବିତାଇବା ଦ୍ୱାରା ଈଶ୍ୱରଙ୍କର ଶକ୍ତିଶାଳୀ ପରିଦର୍ଶନକୁ ଅନୁଭବ କରିଥିଲେ । ଯେ କୌଣସି ଅଞ୍ଚଳରେ ମଣ୍ଡଳୀଗୁଡ଼ିକ ମଧ୍ୟ ଉଦ୍ଦେଶ୍ୟମୂଳକ ଭାବରେ ଏହା କରିପାରନ୍ତି ଓ ଈଶ୍ୱରଙ୍କ ପରିଦର୍ଶନକୁ ଦେଖିପାରନ୍ତି ।

ଶେଷରେ ଈଶ୍ୱରଙ୍କ ଅନୁସରଣ କରିବା ଓ ତାହାଙ୍କ ସାନ୍ନିଧ୍ୟ ଲୋଡ଼ିବା ଆମର କାର୍ଯ୍ୟ । ଈଶ୍ୱର ପ୍ରତିଜ୍ଞା କରିଛନ୍ତି ଯେ ଯଦି ଆମେ ତାହାଙ୍କର ଅନୁସରଣ କରୁ ସେ ଆମ ନିକଟକୁ ଆସିବେ । ଆମେ ତାଙ୍କର ନିକଟବର୍ତ୍ତୀ ହେଲେ, ସେ ଆମର ନିକଟବର୍ତ୍ତୀ ହେବେ (ଯାକୁବ ୪:୮) ।

ଚାର୍ଲସ୍ ଫିନ୍ନି କହନ୍ତି, "ଯେତେବେଳେ ଯୋଦ୍ଧାମାନେ ଜିତିବା ବା ହାରିବାର ଦୃଢ଼ନିଷ୍ପତ୍ତି ନେଇ ଯୁଦ୍ଧରେ ଅବତୀର୍ଣ୍ଣ ହୋଇଥାନ୍ତି, ଏପରିକି ଦରକାର ହେଲେ ଜିତି କରି ମରିବାକୁ ପ୍ରସ୍ତୁତ ରହନ୍ତି, 'ଈଶ୍ୱରଙ୍କ ରାଜ୍ୟ ବଳରେ ପରାକ୍ରାନ୍ତ ହୁଏ, ପୁଣି ବଳରେ ଆକ୍ରମଣକାରୀମାନେ ପରାକ୍ରମରେ ଏହା ଅଧିକାର କରନ୍ତି' ।"

## ଈଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ ଏକତା

**ଗୀତସଂହିତା ୧୩୩:୧-୩**
**୧ ଦେଖ, ଭାଇମାନେ ମିଳନରେ ଏକତ୍ର ବାସ କରିବା କିପରି ଉତ୍ତମ ଓ ମନୋହର !**
**୨ ତାହା ମସ୍ତକରେ ବହୁମୂଲ୍ୟ ତୈଳ ସ୍ୱରୂପ, ଯାହା ଦାଢ଼ିରେ, ଅର୍ଥାତ୍, ହାରୋଣଙ୍କର ଦାଢ଼ିରେ ବହି ତାଙ୍କ ବସ୍ତ୍ରାଞ୍ଚଳରେ ପଡ଼ିଲା ।**
**୩ ତାହା ହର୍ମୋଣର ଶିଶିର ତୁଲ୍ୟ, ଯାହା ସିୟୋନର ପର୍ବତଗଣ ଉପରେ କ୍ଷରି ପଡ଼େ । କାରଣ ସଦାପ୍ରଭୁ ସେଠାରେ ଆଶୀର୍ବାଦ, ହଁ, ଅନନ୍ତ ଜୀବନ ଆଜ୍ଞା କଲେ ।**

ବୃଷ୍ଟି ପୂର୍ବରୁ ଯେଉଁ ବାତାବରଣ ଦେଖାଯାଇଥାଏ ତା' ହେଲା କୌଣସି ଏକ ଅଞ୍ଚଳରେ ରହୁଥିବା ଈଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ ଥିବା ଏକତା । ସ୍ୱାର୍ଥପର ଲକ୍ଷ୍ୟ, ସନ୍ଦେହ ଓ ପ୍ରତିଦ୍ୱନ୍ଦିତାରୁ ଆମେ ଦୂରେଇ ରହିବା ଉଚିତ । ସ୍ୱାର୍ଥପର ଲକ୍ଷ୍ୟ ସନ୍ଦେହ ଆଡ଼କୁ କଢ଼ାଇନିଏ, ଏବଂ ସନ୍ଦେହ ପ୍ରତିଦ୍ୱନ୍ଦିତା ନିମନ୍ତେ ଦ୍ୱାର ଖୋଲିଦିଏ ଏବଂ ପ୍ରତିଦ୍ୱନ୍ଦିତା ବିଭାଜନ ସୃଷ୍ଟି କରେ ।

ଈଶ୍ୱରଙ୍କ ଲୋକମାନେ ଯେତେବେଳେ ସେମାନଙ୍କର ନାମ, ସମ୍ପ୍ରଦାୟ, ଶିକ୍ଷାଗତ ଭିନ୍ନତା, ଛୋଟ ଛୋଟ ବିବାଦକୁ ଉପେକ୍ଷା କରି ଏକାଠି ହୋଇ ଈଶ୍ୱରଙ୍କର ଅନ୍ୱେଷଣ କରନ୍ତି, ତାହାଙ୍କ ଆତ୍ମାଙ୍କର ଉପସ୍ଥିତି ଓ ପରାକ୍ରମର ଶକ୍ତିଶାଳୀ ବୃଷ୍ଟି ଅନୁଭୂତ ହେବ । ସାନ ବଡ଼, ଶ୍ରେଷ୍ଠ ସାମାନ୍ୟ ସମସ୍ତଙ୍କ ଉପରେ ଅଭିଷେକ, ସତେଜତା, ଆଶୀର୍ବାଦ ଓ ଜୀବନର ବୃଷ୍ଟି ହେବ ।

୧୨୦ ଜଣ ଶିଷ୍ୟଙ୍କ କ୍ଷେତ୍ରରେ ଏହା ହିଁ ଘଟିଥିଲା । ଆତ୍ମାଙ୍କ ବୃଷ୍ଟି ବିଷୟକ ପ୍ରତିଜ୍ଞା ପାଇବା ପରେ (ପ୍ରେରିତ ୧:୫,୮), ସେମାନେ "ଏକଚିତ୍ତରେ ପ୍ରାର୍ଥନାରେ ନିବିଷ୍ଟ ହୋଇ ରହିଲେ" (ପ୍ରେରିତ ୧:୧୩) । ସେମାନେ ଏକତା ବଜାୟ ରଖି ନିରବଚ୍ଛିନ୍ନ ଭାବେ ପ୍ରାର୍ଥନା କରିବା ଯୋଗୁଁ ସେମାନେ ଆତ୍ମାଙ୍କ ବୃଷ୍ଟିକୁ ଗ୍ରହଣ କରିବାରେ ସକ୍ଷମ ହେଲେ ।

ଆମ ନଗରର ପାଳକ, ପ୍ରଚାରକ, ଈଶ୍ୱରଙ୍କ ସେବକ ଓ ବିଶ୍ୱାସୀମାନେ ବ୍ୟକ୍ତିଗତ କାର୍ଯ୍ୟସୂଚୀସବୁକୁ ପରିହାର କରି, ଏକାଠି ହୋଇ ଈଶ୍ୱରଙ୍କ ଅନ୍ୱେଷଣ କରିବେ କି, ଯେପରି କି ସ୍ୱର୍ଗ ଉନ୍ମୁକ୍ତ ହୁଏ, ଈଶ୍ୱର ପରିଦର୍ଶନ କରନ୍ତି, ଆତ୍ମାଙ୍କ ବୃଷ୍ଟିହୁଏ ଓ ନଗରର ସବୁ ମଣ୍ଡଳୀକୁ ଏକା ପ୍ରଭାବିତ କରେ ? ଏପରି ରାଜ୍ୟ-ମନୋଭାବାପନ୍ନ, ଖ୍ରୀଷ୍ଟଙ୍କ ସଦୃଶ, ଲୋକମାନଙ୍କୁ ଭଲ ପାଉଥିବା ନେତାମାନେ କାହାନ୍ତି ? ଯେଉଁ ବିଶ୍ୱାସୀମାନେ ସାମ୍ପ୍ରଦାୟିକତା, ମଣ୍ଡଳୀଗୁଡ଼ିକ ପ୍ରତି ସେମାନଙ୍କର ବିଭାଜନକାରୀ ଆନୁଗତ୍ୟ ଭୁଲି ରାଜାମାନଙ୍କର ରାଜା ଓ ପ୍ରଭୁମାନଙ୍କର ପ୍ରଭୁ, ତାହାଙ୍କ ରାଜ୍ୟ ଓ ତାହାଙ୍କ ମଣ୍ଡଳୀ ପ୍ରତି ଆନୁଗତ୍ୟ ପ୍ରକାଶ କରନ୍ତି ଏପରି ଲୋକମାନେ କାହାନ୍ତି ? ଆମ ନଗର ଉପରେ ଯେପରି ସ୍ୱର୍ଗ ଉନ୍ମୁକ୍ତ ହୁଏ ଏଥିପାଇଁ ଆମେ ଏକାଠି ହୋଇ ଈଶ୍ୱରଙ୍କ ଅନ୍ୱେଷଣ କରିବା କି ?

## ପ୍ରଗାଢ଼ ପ୍ରାର୍ଥନା

ଯାକୁବ ୫:୧୬-୧୮

**୧୬** ଅତଏବ, ପରସ୍ପର ନିକଟରେ ଆପଣା ଆପଣାର ପାପ ସ୍ୱୀକାର କର, ପୁଣି ସୁସ୍ଥ ହେବା ନିମନ୍ତେ
ପରସ୍ପର ପାଇଁ ପ୍ରାର୍ଥନା କର । ଧାର୍ମିକ ବ୍ୟକ୍ତିର ପ୍ରାର୍ଥନା ଅନେକ କାର୍ଯ୍ୟ ସାଧନ କରି ପାରେ ।
**୧୭** ଏଲିୟ ଆମ୍ଭମାନଙ୍କ ପରି ସୁଖଦୁଃଖଭୋଗୀ ମନୁଷ୍ୟ ଥିଲେ; ବୃଷ୍ଟି ନ ହେବା ନିମନ୍ତେ ସେ ଏକାନ୍ତ
ଚିତ୍ତରେ ପ୍ରାର୍ଥନା କଲେ, ଆଉ ତିନି ବର୍ଷ ଛଅ ମାସ ପର୍ଯ୍ୟନ୍ତ ଦେଶରେ ବୃଷ୍ଟି ହେଲା ନାହିଁ;
**୧୮** ସେ ପୁନର୍ବାର ପ୍ରାର୍ଥନା କରନ୍ତେ ଆକାଶରୁ ବୃଷ୍ଟି ହେଲା, ଆଉ ଭୂମି ଆପଣା ଫଳ ଉତ୍ପନ୍ନ କଲା ।

ଈଶ୍ୱର ତାଙ୍କ ଲୋକମାନଙ୍କର ପ୍ରଗାଢ଼ ପ୍ରାର୍ଥନାର ଉତ୍ତର ଦେଇଥାନ୍ତି । ଏଲିୟଙ୍କ ଉଦାହରଣ ଉଲ୍ଲେଖଯୋଗ୍ୟ ଯେ ବୃଷ୍ଟି ପାଇଁ ପ୍ରାର୍ଥନା କଲେ ଓ ତାହା ସମ୍ଭବ ହୋଇଥିଲା (୧ରାଜାବଳୀ ୧୮:୪୧-୪୬) । ସେ ଘୋଷଣା କଲେ ଯେ ପ୍ରବଳ ବୃଷ୍ଟିର ଶବ୍ଦ ହେଉଛି ଏବଂ ସେ ପ୍ରାର୍ଥନାରେ ସମୟ ବିତାଇଲେ । ସେ କେତେ ସମୟ ପ୍ରାର୍ଥନା କଲେ ଆମେ ଜାଣୁନା । ସେ ଛ'ଥର ଆକାଶକୁ ଅନାଇ ଦେଖିଲେ ତାଙ୍କର ପ୍ରାର୍ଥନାର ଉତ୍ତର ମିଳିବାର କିଛି ଚିହ୍ନ ଦେଖାଯାଉଛି କି ନାହିଁ । ତେବେ ସେ ନଛୋଡ଼ବନ୍ଧା ହୋଇ ପ୍ରାର୍ଥନାରେ ଲାଗି ରହିଲେ । ସପ୍ତମଥର ପାଇଁ ସେ ପ୍ରାର୍ଥନା କଲେ ଓ ଦେଖିଲେ ଖଣ୍ଡେ କ୍ଷୁଦ୍ର ମେଘ ଉଠୁଅଛି, ଯାହା ବର୍ଷା ଆସିବାର ସୂଚନା ପ୍ରକଟ କରିଥିଲା । ନିଶ୍ଚିତରୂପେ ବର୍ଷା ହୋଇଥିଲା । ଏହିପ୍ରକାର ପ୍ରାର୍ଥନା ଆମେ ଆବଶ୍ୟକ କରୁ, ଯେଯାଏଁ ସ୍ୱର୍ଗକୁ ଉନ୍ମୁକ୍ତ ନ ଦେଖୁ । ସ୍ୱର୍ଗ ଉନ୍ମୁକ୍ତ ହେବାର ଚିହ୍ନ ପ୍ରକାଶ ପାଉ ନ ଥିଲେ ସୁଦ୍ଧା ପ୍ରାର୍ଥନା ପରିତ୍ୟାଗ କରେ ନାହିଁ । ପ୍ରଗାଢ଼ ପ୍ରାର୍ଥନା ! ଆନ୍ତରିକ ପ୍ରାର୍ଥନା ! ଅଧ୍ୟବସାୟୀ ପ୍ରାର୍ଥନା ! ବୃଷ୍ଟି ହେବା ପର୍ଯ୍ୟନ୍ତ ନଛୋଡ଼ବନ୍ଧା ପ୍ରାର୍ଥନା । ନିମ୍ନରେ କେତେକ ଶାସ୍ତ୍ରାଂଶ ରହିଛି ଯାହା ଉନ୍ମୁକ୍ତ ସ୍ୱର୍ଗ ପାଇଁ ପ୍ରାର୍ଥନା କରିବାକୁ ଆମକୁ ଉତ୍ସାହିତ କରେ ।

ଦ୍ୱିତୀୟ ବଂଶାବଳୀ ୭:୧୩-୧୪

**୧୩ ଆମ୍ଭେ ବୃଷ୍ଟି ନୋହିବା ପାଇଁ ଆକାଶ ରୁଦ୍ଧ କଲେ, କିଅବା ଦେଶ ବିନାଶ କରିବା ପାଇଁ ପଙ୍ଗପାଳମାନଙ୍କୁ ଆଜ୍ଞା ଦେଲେ, ଅଥବା ଆମ୍ଭେ ଆପଣା ଲୋକମାନଙ୍କ ମଧ୍ୟକୁ ମହାମାରୀ ପଠାଇଲେ,**
**୧୪ ଯେବେ ଆମ୍ଭ ନାମରେ ବିଖ୍ୟାତ ଆମ୍ଭ ଲୋକମାନେ ଆପଣାମାନଙ୍କୁ ନମ୍ର କରି ପ୍ରାର୍ଥନା କରିବେ ଓ ଆମ୍ଭର ମୁଖ ଅନ୍ୱେଷଣ କରି ଆପଣା ଆପଣା କୁପଥରୁ ଫେରିବେ, ତେବେ ଆମ୍ଭେ ସ୍ୱର୍ଗରୁ ଶୁଣିବା ଓ ସେମାନଙ୍କର ପାପ କ୍ଷମା କରିବା ଓ ସେମାନଙ୍କ ଦେଶ ସୁସ୍ଥ କରିବା ।**

ଗୀତସଂହିତା ୮୦:୧୪,୧୫

**୧୪ ହେ ସୈନ୍ୟାଧିପତି ପରମେଶ୍ୱର, ଆମ୍ଭେମାନେ ବିନୟ କରୁଅଛୁ, ଫେର; ସ୍ୱର୍ଗରୁ ନିରୀକ୍ଷଣ କର ଓ ଦୃଷ୍ଟିପାତ କରି ଏହି ଦ୍ରାକ୍ଷାଲତାର**
**୧୫ ଓ ତୁମ୍ଭ ଦକ୍ଷିଣ ହସ୍ତ ଦ୍ୱାରା ସ୍ଥାପିତ ଗଣ୍ଡିର ଓ ଆପଣା ନିମନ୍ତେ ତୁମ୍ଭ ସବଳୀକୃତ ଶାଖାର ତତ୍ତ୍ୱ ନିଅ ।**

ଗୀତସଂହିତା ୧୪୪:୫

**ହେ ସଦାପ୍ରଭୋ, ଆପଣା ଗଗନମଣ୍ଡଳ ନୁଆଁଇ ତଳକୁ ଆସ; ପର୍ବତଗଣକୁ ସ୍ପର୍ଶ କର, ତହିଁରେ ସେମାନେ ଧୂମ ନିର୍ଗତ କରିବେ ।**

ଯିଶାଇୟ ୬୪:୧-୪

**୧ ଆହା, ଅନ୍ୟ ଦେଶୀୟମାନେ ଯେପରି ତୁମ୍ଭ ସାକ୍ଷାତରେ କମ୍ପମାନ ହେବେ, ଏଥିପାଇଁ ତୁମ୍ଭ ବିପକ୍ଷଗଣକୁ ତୁମ୍ଭ ନାମ ଜ୍ଞାତ କରାଇବା ନିମନ୍ତେ,**

୨ ଅଗ୍ନି ଝାଟି ଜ୍ୱଳାଇବା ପରି, ଅଗ୍ନି ଜଳ ଫୁଟାଇବା ପରି ଯେବେ ତୁମ୍ଭେ ଆକାଶମଣ୍ଡଳ ବିଦୀର୍ଣ୍ଣ
କରି ଓହ୍ଲାଇ ଆସନ୍ତ ଓ ପର୍ବତଗଣ ତୁମ୍ଭ ସାକ୍ଷାତରେ ପ୍ରବାହିତ ହୁଅନ୍ତେ !
୩ ଯେତେବେଳେ ତୁମ୍ଭେ ଆମ୍ଭମାନଙ୍କର ଅନପେକ୍ଷିତ ଭୟାନକ କ୍ରିୟା କଲ, ସେତେବେଳେ ତୁମ୍ଭେ
ଓହ୍ଲାଇ ଆସିଲ, ପର୍ବତଗଣ ତୁମ୍ଭ ସାକ୍ଷାତରେ ପ୍ରବାହିତ ହେଲେ ।
୪ କାରଣ ସେ ଆପଣା ଅପେକ୍ଷାକାରୀ ପକ୍ଷରେ କାର୍ଯ୍ୟ ସାଧନ କରନ୍ତି, ଲୋକେ ପ୍ରାଚୀନ କାଳରୁ
ତୁମ୍ଭ ଛଡ଼ା ଅନ୍ୟ ପରମେଶ୍ୱର ବିଷୟ ଶୁଣି ନାହାନ୍ତି, ଅଥବା କର୍ଣ୍ଣ ଜ୍ଞାତ ହୋଇ ନାହିଁ, କିଅବା ଚକ୍ଷୁ
ଦେଖି ନାହିଁ ।

ଯିଖରିୟ ୧୦:୧
ତୁମ୍ଭେମାନେ ଶେଷ ବୃଷ୍ଟି ସମୟରେ ସଦାପ୍ରଭୁଙ୍କ ନିକଟରେ, ଅର୍ଥାତ୍, ଯେ ବିଜୁଳିର ସୃଷ୍ଟି କରନ୍ତି, ସେହି ସଦାପ୍ରଭୁଙ୍କ ନିକଟରେ ବୃଷ୍ଟି ମାଗ; ତହିଁରେ ସେ ପ୍ରଚୁର ବୃଷ୍ଟି ଦେଇ ପ୍ରତ୍ୟେକ ଜଣଙ୍କ କ୍ଷେତ୍ରରେ ତୃଣ ଦେବେ ।

## ଆଶା ଓ ବିଶ୍ୱାସ

ଆମେମାନେ ଈଶ୍ୱରଙ୍କର ଅନୁସରଣ କରି ଏକାଠି ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ଈଶ୍ୱରଙ୍କ ଉପସ୍ଥିତି ଓ ଶକ୍ତି ପ୍ରକାଶିତ ହେବ ବୋଲି ଆମମାନଙ୍କ ମଧ୍ୟରେ ଉଚ୍ଚ ଆଶା ଓ ବିଶ୍ୱାସ ରହିବା ଆବଶ୍ୟକ । ଚାଷୀମାନେ ଯେପରି ଚାଷ କରନ୍ତି ଓ ବୀଜବୁଣନ୍ତି ଓ ବର୍ଷା ଆସିବ ବୋଲି ଆଶା ଓ ଆକାଂକ୍ଷାରେ ରହିଥାନ୍ତି ଆମେମାନେ ମଧ୍ୟ ସେପରି ଆଶାରେ ରହିବା ଉଚିତ । ତାଙ୍କ ଉପସ୍ଥିତି ଓ ଶକ୍ତିର ପ୍ରତ୍ୟେକ ବିନ୍ଦୁ ବା ସାମାନ୍ୟ ବର୍ଷା ଦେଖିଲେ ଆମେ ଆନନ୍ଦିତ ହେବାକୁ ହେବ । ତାଙ୍କର ଉପସ୍ଥିତିର ଅନୁଭବ, କ୍ଷୁଦ୍ର ହେଲେ ସୁଦ୍ଧା ତାଙ୍କର ପ୍ରତ୍ୟେକ ଆରୋଗ୍ୟ, ଆମକୁ ଆନନ୍ଦିତ କରିବା ଉଚିତ କାରଣ ତାହା ଆଗକୁ ରହିଥିବା ପ୍ରଚୁର ବୃଷ୍ଟିର ଏକ ସୂଚନା ଅଟେ ।

## ଆମ ଅଧିକାରର ପ୍ରୟୋଗ

ମାଥିଉ ୧୬:୧୮,୧୯
୧୮ ଆଉ, ମୁଁ ମଧ୍ୟ ତୁମ୍ଭକୁ କହୁଅଛି, ତୁମ୍ଭେ ପିତର, ପୁଣି ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ
ତୋଳିବି, ଆଉ ନରକର ବଳ ତାହାକୁ ପରାଜୟ କରିବ ନାହିଁ ।
୧୯ ମୁଁ ତୁମ୍ଭକୁ ସ୍ୱର୍ଗରାଜ୍ୟର କଞ୍ଚି ଦେବି, ଆଉ ତୁମ୍ଭେ ପୃଥିବୀରେ ଯାହା କିଛି ବନ୍ଦ କରିବ, ସ୍ୱର୍ଗରେ
ତାହା ବନ୍ଦ ରହିବ, ପୁଣି ପୃଥିବୀରେ ଯାହା କିଛି ମୁକ୍ତ କରିବ, ସ୍ୱର୍ଗରେ ତାହା ମୁକ୍ତ ରହିବ ।

ସ୍ୱର୍ଗକୁ ପୃଥିବୀରେ ମୁକ୍ତ କରିବାର ଅଧିକାର ଆମକୁ ଦିଆଯାଇଛି । ସ୍ୱର୍ଗରେ ଯାହା ଈଶ୍ୱର ବନ୍ଦ କରିଛନ୍ତି ମର୍ତ୍ତ୍ୟରେ ତାକୁ ଆମେ ବନ୍ଦ କରୁ । ସ୍ୱର୍ଗରେ ଯାହା ଅନୁମତିଯୋଗ୍ୟ ପୃଥିବୀରେ ଆମେ ତାକୁ ମୁକ୍ତ କରିପାରିବା । ଆମେ ଆମର ଆତ୍ମିକ ଅଧିକାର ସାବ୍ୟସ୍ତ କରି ସ୍ୱର୍ଗ ଆମ ଉପରେ ବୃଷ୍ଟି ବର୍ଷଣ କରିବାରେ ବାଧକ ସମସ୍ତ ବିଷୟକୁ ଆମେ ବନ୍ଦ କରିଦେବା ଉଚିତ । ଆମକୁ ଦିଆଯାଇଥିବା ଈଶ୍ୱର-ଦତ୍ତ ଅଧିକାରକୁ ଉପଯୋଗ କରି ଆମ ଅଞ୍ଚଳରେ କଳି ଓ ଦଳଭେଦ ଘଟାଉଥିବା ପୈଶାଚିକ ପ୍ରଭାବସବୁକୁ ପଥ ମଧ୍ୟରୁ ଦୂର କରିବାକୁ ହେବ ।

## ଏହି କାଳର ପରିସମାପ୍ତି କିପରି ଘଟେ ?

*ଯଦିବା ପ୍ରତ୍ୟେକ ଉଦ୍ଦୀପନା ବା ଈଶ୍ୱରଙ୍କ ବୃଷ୍ଟି ଅନନ୍ୟ ଅଟେ । ଈଶ୍ୱରଙ୍କ ସାର୍ବଭୌମ ଚଳନକୁ ଗ୍ରହଣ କରିବା ଓ ବଜାୟ ରଖିବା ମଧ୍ୟରେ ସମାନତା ଦେଖିବାକୁ ମିଳିଥାଏ । ଯେତେବେଳେ ଏକ ମଣ୍ଡଳୀ ବା ଦଳ ଉପରକୁ ଅଗ୍ନି ଆସିଥାଏ, ଈଶ୍ୱର ଆଶା କରନ୍ତି ଯେ ଲୋକମାନେ ତା'ର ଉତ୍ତର ଦିଅନ୍ତୁ । ଯେତେବେଳେ ଲୋକମାନେ ବ୍ୟକ୍ତିଗତ କାର୍ଯ୍ୟସୂଚୀସବୁ ଓ କାର୍ଯ୍ୟକ୍ରମସବୁକୁ ଦୂରେଇରଖି ସେମାନଙ୍କ ଜୀବନରେ ଖ୍ରୀଷ୍ଟଙ୍କୁ ଓ ତାଙ୍କର ଉଦ୍ଦୀପନା କାର୍ଯ୍ୟକୁ ସେମାନଙ୍କ ଜୀବନର କେନ୍ଦ୍ରସ୍ଥାନରେ ରଖନ୍ତି ଓ ସେଥିରୁ ବିଚ୍ୟୁତ ହୁଅନ୍ତି ନାହିଁ, ତେବେ ଆତ୍ମିକ ବୃଷ୍ଟି ଅବ୍ୟାହତ ରହିବ ଏବଂ ଈଶ୍ୱରଙ୍କ ପରିଦର୍ଶନ ତାଙ୍କ ଉପସ୍ଥିତିରୂପ ବାସସ୍ଥାନରେ ପରିଣତ ହୁଏ । ଆତ୍ମାଙ୍କ ଅଗ୍ନି ଯେତେବେଳେ ପତିତ ହୁଏ ଆମର ସମ୍ପୂର୍ଣ୍ଣ ଆଶାଶୂନ୍ୟ ଅବସ୍ଥା ଆମକୁ ଏହି ବୃଷ୍ଟି ନିମନ୍ତେ ଉପଯୁକ୍ତ ଭାବରେ ଉତ୍ତର ଦେବାପାଇଁ ପ୍ରସ୍ତୁତ କରେ, ଆମେ ଆମର କାର୍ଯ୍ୟସୂଚୀକୁ ଦୂରେଇ ରଖି ଆମ ଜୀବନକୁ ତାଙ୍କଠାରେ ଅର୍ପଣ କରିଥାଉ ।*

*ଉଦ୍ଦୀପନା ଆମର ଜୀବନଶୈଳୀକୁ, ଆମର ଚିନ୍ତାଧାରାକୁ ଓ ମଣ୍ଡଳୀର ଧାରାକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଥାଏ । ସେମାନଙ୍କ ହୃଦୟ ଓ ମନର ଗଭୀରତାରେ, ଅଧିକାଂଶ ଲୋକ ଏପରି ବୈପ୍ଳବିକ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ନ ଥାନ୍ତି ।*

*ଏକ ଆତ୍ମିକ ବୃଷ୍ଟି ଆସିବା ଓ ଏକ କାଳ ପାଇଁ ରହିବାର କାରଣ ମୂଳତଃ ସମାନ । ଏହା ସବୁଦିନ ରହେ ନାହିଁ କାରଣ ଲୋକମାନେ ବା ନେତୃତ୍ୱ ସେମାନଙ୍କ ଜୀବନର ବିଭିନ୍ନ ବିଷୟରେ ଚିନ୍ତା କରିଥାନ୍ତି । ସ୍ୱାଭାବିକ ବିଷୟଗୁଡ଼ିକର ଚାପ ଓ ଇଚ୍ଛା ସେମାନଙ୍କଠାରୁ*

*ଈଶ୍ୱରଙ୍କ ଚଳନକୁ ଦୂରେଇଦିଏ, ଫଳରେ ସେମାନେ ପୂର୍ବପରି ଜୀବନଯାପନ କରିପାରି ନ ଥାନ୍ତି । ଆମର ବ୍ୟାକୁଳତା ନ ରହୁ ଏହା ଈଶ୍ୱରଙ୍କ ଯୋଜନା ନୁହେଁ । କିନ୍ତୁ ତାଙ୍କର ଉପସ୍ଥିତି ପୂର୍ବ ଭଳି ରହିପାରେ ନାହିଁ କାରଣ ଆମର ଇଚ୍ଛା ହ୍ରାସ ପାଏ ଏବଂ ଆମ ଜୀବନରେ ଓ ମଣ୍ଡଳୀରେ ଈଶ୍ୱରଙ୍କ ଚଳନ ଜାରି ରହୁ ବୋଲି ଆମେ ଆଗ୍ରହୀ ହୋଇ ନ ଥାଉ । ଯଦି ଆମେ ଅନ୍ୟ କୌଣସି ବିଷୟରେ ମନୋନିବେଶ କରୁ ତେବେ ଉଦ୍ଦୀପନା ଆସିବ ନାହିଁ କି ରହିବ ନାହିଁ । ଯେତେବେଳେ ଆମେ ଆମର କାର୍ଯ୍ୟସୂଚୀକୁ ଶୂନ୍ୟ କରିବା, ଜୀବନକୁ ଶୂନ୍ୟ କରିବା ଓ ନିଜେ ଏକ ଶୂନ୍ୟ ପାତ୍ର ହେବା ତେବେ ଯାଇ ଈଶ୍ୱରଙ୍କ ଆତ୍ମିକ ବୃଷ୍ଟିକୁ ଅନୁଭବ କରିବା । ଯଦି ଅନ୍ୟାନ୍ୟ ବିଷୟରେ ଲାଗି ରହିବା ତେବେ ଈଶ୍ୱରଙ୍କ ବୃଷ୍ଟି ଲାଗିରହିବ ନାହିଁ । ଏପରିକି ଉତ୍ତମ ସେବାକାର୍ଯ୍ୟରେ ମଧ୍ୟ ଆତ୍ମାଙ୍କ ବୃଷ୍ଟି ହୋଇ ନ ଥାଏ ଓ ଆମ ଜୀବନରେ ଉଦ୍ଦୀପନା ଆସି ନ ଥାଏ ।*

("I saw the Smithton Outpouring" - by Ron MacGatlin ପୁସ୍ତକରୁ ସଂଗୃହୀତ)

**ସେ ଆସି ଆମମାନଙ୍କ ଉପରେ, ଆମ ମଣ୍ଡଳୀରେ, ଆମ ନଗରର ମଣ୍ଡଳୀରେ ବୃଷ୍ଟି ବର୍ଷାଇବା ପର୍ଯ୍ୟନ୍ତ ଆମେ ତାଙ୍କର ଅନ୍ୱେଷଣ କରିବା ।**

**ତାହାଙ୍କଠାରୁ ଅଧିକ ପ୍ରାପ୍ତ ହେବା ଓ ତାଙ୍କର ଉପସ୍ଥିତି ଲାଭ କରିବା ନିମନ୍ତେ ଆମେ ମୂଲ୍ୟ ଦେବା କି ?**

# ୪

# ଆପଣଙ୍କ ଅଞ୍ଚଳରେ ସ୍ୱର୍ଗ ଉନ୍ମୁକ୍ତ ଅଟେ କି ?

ଆମର ଜନାକୀର୍ଣ୍ଣ ନଗର ଓ ଅଞ୍ଚଳଗୁଡ଼ିକୁ ଆମେ କିପରି ପ୍ରଭାବିତ କରି ପାରିବା? କେବଳ ଗୋଟିଏ ମଣ୍ଡଳୀ ଏହା କରିପାରିବ ନାହିଁ। କେବଳ ଜଣେ ପ୍ରଚାରକ ବା ଗୋଟିଏ ସୁସମାଚାରିକ କାର୍ଯ୍ୟକ୍ରମ ଦ୍ୱାରା ନିୟୁତ ନିୟୁତ ଲୋକ ରହୁଥିବା ଆମର ନଗରଗୁଡ଼ିକରେ ପହଞ୍ଚି ହେବ ନାହିଁ। ଆମେମାନେ ଏକ ବଡ଼ ଧରଣର ଉଦ୍ଦୀପନା, ଈଶ୍ୱରଙ୍କ ଉପସ୍ଥିତି ଓ ଶକ୍ତିର ଏକ ଶକ୍ତିଶାଳୀ ବୃଷ୍ଟି ଆବଶ୍ୟକ କରୁ ଯାହା ଦୀର୍ଘକାଳସ୍ଥାୟୀ ହେବା ଦରକାର ଯେପରିକି ପୂରା ନଗର ଏହା ଦ୍ୱାରା ସମ୍ପୂର୍ଣ୍ଣ ପ୍ରଭାବିତ ହୁଏ। ନଗର ପରିବର୍ତ୍ତନ ନିମନ୍ତେ ଉଦ୍ଦୀପନା ଅତ୍ୟାବଶ୍ୟକ ଅଟେ।

ଉଦ୍ଦୀପନାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ହଜା ଆତ୍ମାମାନଙ୍କର ପରିତ୍ରାଣ ଏବଂ ସମ୍ପ୍ରଦାୟ ଓ ନଗରଗୁଡ଼ିକର ପରିବର୍ତ୍ତନ। ଉଦ୍ଦୀପନା ଉନ୍ମୁକ୍ତ ସ୍ୱର୍ଗର ଏକ ଐଶ୍ୱରିକ କାଳ ଯେତେବେଳେ ଈଶ୍ୱରଙ୍କ ରାଜ୍ୟ ଶକ୍ତିର ସହିତ ପ୍ରକାଶିତ ହୁଏ, ଫଳରେ ଆରୋଗ୍ୟ, ଉଦ୍ଧାର ଓ ବହୁସଂଖ୍ୟକ ଲୋକଙ୍କ ପରିତ୍ରାଣ ସାଧିତ ହୁଏ। ଈଶ୍ୱର ଉଦ୍ଦୀପନା ପ୍ରେରଣ କରନ୍ତି ଯେପରି କି ଆମେ ଆଶ୍ଚର୍ଯ୍ୟକର୍ମ ଲାଭ କରୁ, ଗୌରବରେ ପରିପୂର୍ଣ୍ଣ ହେଉ, ଆମ ସମ୍ପ୍ରଦାୟ ମଧ୍ୟକୁ ତାହା ଘେନି ଯାଉ ଏବଂ ନଗରର ପରିବର୍ତ୍ତନ ନିମନ୍ତେ ମଣ୍ଡଳୀର ଧର୍ମସଂସ୍କାର ଦେଖିପାରୁ।

ଆମମାନଙ୍କ ନଗରରେ ଏକ ଉନ୍ମୁକ୍ତ ସ୍ୱର୍ଗ ସୃଷ୍ଟି କରିବାକୁ ଏକଜୁଟ ହେବା ନିମନ୍ତେ ଏହା ଆମମାନଙ୍କ ନିମନ୍ତେ ଏକ ଆହ୍ୱାନ ଅଟେ। ଉନ୍ମୁକ୍ତ ସ୍ୱର୍ଗ ନିମନ୍ତେ ଈଶ୍ୱରଙ୍କ ଅନ୍ୱେଷଣ କରି ଆପଣ ଆପଣଙ୍କ ଅଂଶ ନିର୍ବାହ କରିବେ କି? କ୍ଷୁଦ୍ର ଅଗ୍ନିକଣା ବିରାଟ ଅଗ୍ନିକାଣ୍ଡ ଘଟାଇପାରେ। ଈଶ୍ୱର ମୁଷ୍ଟିମେୟ ଲୋକଙ୍କୁ ଆବଶ୍ୟକ କରନ୍ତି (ସ୍ମରଣ କରନ୍ତୁ ଉପର କୋଠାରୀରେ ମାତ୍ର ୧୨୦ ଜଣ ଥିଲେ), ଯେପରି କି ନଗରରେ ନିଆଁ ଲାଗି ଏହାକୁ ଓଲଟପାଲଟ କରିଦେବ।

**ଗୀତସଂହିତା ୧୮:୯**

**ସେ ଆକାଶମଣ୍ଡଳ ହିଁ ନୁଆଁଇ ତଳକୁ ଆସିଲେ; ଆଉ, ତାହାଙ୍କ ପାଦ ତଳେ ଘୋର ଅନ୍ଧକାର ଥିଲା।**

## ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ । ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ । ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ । ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ । ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା । ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ । ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ । ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି ।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ । ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ । ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ । ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ । ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ । ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ । ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା ।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି । ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ । ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩) ।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି । ସେ ତୃତୀୟ ଦିବସରେ ପୁନରୁତ୍‌ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ ।

ଈଶ୍ୱର ପ୍ରେମମୟ ଓ କରୁଣାମୟ । କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ । ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ । ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ - କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩) ।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯) ।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ । ଏହି ପ୍ରାର୍ଥନା ଏକ ନମୁନା ମାତ୍ର । ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ ।

ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।

ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍‌ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।

ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।

ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍ ।

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ । ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ । ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧ କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪) । ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ ।

# ଅଲ୍ ପିପୁଲ୍ସ୍ ଚର୍ଚ୍ଚ୍‌ର ଅଂଶୀଦାର୍ ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ। ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ। ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ। ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ। ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ। ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି। ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ। ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା –

Account Name : All Peoples Church

Account Number : 0057213809

IFSC Code : CITI0000004

Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ। ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି। ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ। ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

# ଅଲ୍ ପିପୁଲ୍ସ୍ ଚର୍ଚ୍ଚ ଦ୍ୱାରା ପ୍ରକାଶିତ ପୁସ୍ତକସମୂହ

A Church in Revival
A Real Place Called Heaven*
A Time for Every Purpose*
Ancient Landmarks
Baptism in the Holy Spirit*
Being Spiritually Minded and Earthly Wise
Biblical Attitude Towards Work*
Breaking Personal and Generational Bondages*
Change
Code of Honor
Divine Favor
Divine Order in the Citywide Church
Don't Compromise Your Calling*
Don't Lose Hope*
Equipping the Saints*
Foundations (Track 1)
Fulfilling God's Purpose for Your Life*
Giving Birth to the Purposes of God
God Is a Good God*
God's Word-The Miracle Seed*
How to Help Your Pastor
Integrity
Kingdom Builders*
Laying the Axe to the Root
Living Life Without Strife*
Marriage and Family
Ministering Healing and Deliverance
Offenses-Don't Take Them*
Open Heavens*
Our Redemption*
Receiving God's Guidance
Revivals, Visitations and Moves of God
Shhh! No Gossip!*
Speak Your Faith
The Conquest of the Mind*
The Father's Love
The House of God
The Kingdom of God
The Mighty Name of Jesus
The Night Seasons of Life
The Power of Commitment
The Presence of God
The Redemptive Heart of God*
The Refiner's Fire
The Spirit of Wisdom, Revelation and Power
The Wonderful Benefits of speaking in Tongues*
Timeless Principles for the Workplace
Understanding the Prophetic
Water Baptism*
We Are Different*
Who We Are in Christ?*
Women in the Workplace
Work Its Original Design*

ଉପରୋକ୍ତ ସମସ୍ତ ପୁସ୍ତକ ଆମ ମଣ୍ଡଳୀର ୱେବ୍‌ସାଇଟ୍ **apcwo.org/books**ରୁ ମାଗଣାରେ ଡ଼ାଉନ୍‌ଲୋଡ଼୍ କରିପାରିବେ । ଅନୁବାଦିତ ଓଡ଼ିଆ ପୁସ୍ତକଗୁଡ଼ିକ ମୂଳ ଇଂରାଜୀ ପୁସ୍ତକ ନିକଟରେ * ଚିହ୍ନ ସହିତ ସୂଚିତ ହୋଇଛି । ଅନ୍ୟାନ୍ୟ ଭାଷାରେ ଅନୁବାଦିତ ପୁସ୍ତକଗୁଡ଼ିକ ମଧ୍ୟ ଉପଲବ୍ଧ । ମାଗଣାରେ ଉପଲବ୍ଧ ଇଂରାଜୀପୁସ୍ତକଗୁଡ଼ିକ ପାଇବା ପାଇଁ ଆମର ଇମେଲ୍ ଠିକଣା **bookrequest@apcwo.org**କୁ ଇମେଲ୍ ପଠାନ୍ତୁ । * ଚିହ୍ନିତ ଓଡ଼ିଆ ପୁସ୍ତକଗୁଡ଼ିକ PDF ଆକାରରେ ମିଳେ ।

ଆମ ମଣ୍ଡଳୀର ୱେବ୍‌ସାଇଟ୍‌ରୁ ମାଗଣାରେ ଅଡ଼ିଓ ଓ ଭିଡ଼ିଓ ଉପଦେଶ, ଉପଦେଶ ଟିପ୍ପଣୀସବୁ (apcwo.org/sermons) ଏବଂ ଅନ୍ୟାନ୍ୟ ଉପାଦେୟ ଓ ଉପଯୋଗୀ ବିଷୟ ପାଇପାରିବେ ।

# ଏକ ସପ୍ତାହାନ୍ତ ସ୍କୁଲ୍‌ରେ ଯୋଗ ଦିଅନ୍ତୁ

ପ୍ରତି ସପ୍ତାହରେ ବାଙ୍ଗାଲୁରୁଠାରେ ବିଶ୍ୱାସୀମାନଙ୍କୁ ତାଲିମ୍ ଦେଇ ଜୀବନ ଓ ସେବାକାର୍ଯ୍ୟ ନିମନ୍ତେ ସୁସଜ୍ଜିତ କରିବା ପାଇଁ Weekend Schools ଆୟୋଜିତ ହୋଇଥାଏ । ଶନିବାର ଦିନ ସକାଳ ୯:୦୦ଘ ରୁ ସନ୍ଧ୍ୟା ୬:୦୦ଘ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୁଏ । ଏହା ସମସ୍ତ ମଣ୍ଡଳୀ ଓ ସମ୍ପ୍ରଦାୟର ବିଶ୍ୱାସୀମାନଙ୍କ ନିମନ୍ତେ ଉନ୍ମୁକ୍ତ, ଯଦି ସେମାନେ ତାଲିମ୍ ନେଇ ସଜ୍ଜିତ ହେବାକୁ ଚାହାନ୍ତି । ବର୍ତ୍ତମାନ ଅନୁଷ୍ଠିତ ହେଉଥିବା Weekend Schoolsରେ ନିମ୍ନ ପ୍ରସଙ୍ଗମାନ ଆଲୋଚିତ ହୋଇଥାଏ ।

ଭାବବାଣୀୟ ସେବାକାର୍ଯ୍ୟ (Prophetic Ministry)
ସୁସ୍ଥତା ଓ ଉଦ୍ଧାରକାର୍ଯ୍ୟ (Healing & Deliverance)
ଆତ୍ମାଙ୍କ ଦାନସକଳ (Gifts of the Spirit)
ପ୍ରାର୍ଥନା ଓ ନିବେଦନ (Prayer & Intercession)
ଅନ୍ତରସ୍ଥ ସମ୍ପୂର୍ଣ୍ଣତା (Inner Wholeness)
ଜୀବନଶୈଳୀ ସୁସମାଚାର (Lifestyle Evangelism)
ଈଶ୍ୱରଙ୍କ କାର୍ଯ୍ୟ (God at Work)
ସହରାଞ୍ଚଳ ମିଶନ୍ ଓ ମଣ୍ଡଳୀରୋପଣ (Urban Mission and Church Planting)
ଖ୍ରୀଷ୍ଟୀୟ ଆପୋଲୋଜେଟିକ୍ସ (Christian Apologetics)

ଅଧିକ ଜାଣିବା ପାଇଁ ଓ ନାମ ପଞ୍ଜିକରଣ କରିବା ପାଇଁ ଆମର ୱେବ୍‌ସାଇଟ୍ **apcwo.org/weekendschool** ପରିଦର୍ଶନ କରନ୍ତୁ ।

# ଖ୍ରୀଷ୍ଟୀୟ ନେତୃତ୍ୱ ଶିବିରର୍ ଆୟୋଜନ କରନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ପାଳକ, ସ୍ଥାନୀୟ ମଣ୍ଡଳୀର ନେତା, ଖ୍ରୀଷ୍ଟୀୟ ସଂଗଠନର ନେତା ଓ ଖ୍ରୀଷ୍ଟୀୟ ସେବାକାର୍ଯ୍ୟରେ ସଂଶ୍ଳିଷ୍ଟ ଅନ୍ୟମାନଙ୍କୁ ଆତ୍ମାରେ ଅଭିଷିକ୍ତ ସୁସଜ୍ଜିତକରଣ ଓ ତାଲିମ୍ ପ୍ରଦାନ କରିଥାଏ । ଅଭିଷିକ୍ତ ପ୍ରଭୁଙ୍କ ଦାସମାନଙ୍କ ଦ୍ୱାରା ଶିକ୍ଷାପ୍ରଦାନ ସଙ୍ଗେ ସଙ୍ଗେ ଆତ୍ମାରେ ଚାଳିତ ସେବାକାର୍ଯ୍ୟ ଓ ତାଲିମ୍ ପ୍ରଦାନ କରାଯାଏ । ଆମର ଦଳସବୁ ଅଂଶଗ୍ରହଣକାରୀମାନଙ୍କ ସଙ୍ଗେ ବ୍ୟକ୍ତିଗତରୂପେ ଭାବର ଆଦାନ ପ୍ରଦାନ ଓ ଆଲୋଚନା କରିଥାନ୍ତି । ଏହି ନେତୃତ୍ୱ ଶିବିର ୨/୩ ଦିନ ଧରି ଚାଲିଥାଏ ଓ ନିର୍ଦ୍ଦିଷ୍ଟ ଏକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥାଏ । ଅଂଶଗ୍ରହଣକାରୀମାନେ ନୂତନୀକୃତ, ଶକ୍ତିଯୁକ୍ତ, ଏବଂ ଅଧିକ ଫଳପ୍ରଦ ଓ ପ୍ରଭାବଶାଳୀ ସେବାକାର୍ଯ୍ୟ କରିବାକୁ ସୁସଜ୍ଜିତ ହୋଇ ବାହାରି ଯାଇଥାନ୍ତି । ଖ୍ରୀଷ୍ଟୀୟ ନେତୃତ୍ୱ ଶିବିର ବିଭିନ୍ନ ସ୍ଥାନୀୟ ମଣ୍ଡଳୀ, ଏକ ଖ୍ରୀଷ୍ଟୀୟ ସେବାକାର୍ଯ୍ୟ, ମିଶନ୍ ସଂଗଠନ ବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ମଣ୍ଡଳୀସବୁର ଓ ସେମାନଙ୍କ ପାଳକମାନଙ୍କର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥାଏ । ଆୟୋଜକ ସଂଗଠନ ଅଂଶଗ୍ରହଣକାରୀମାନଙ୍କୁ ଆମନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ଶିବିରର ସମସ୍ତ ଖର୍ଚ୍ଚ ବହନ କରିବେ । ଅଲ୍ ପିପୁଲ୍ସ ଚର୍ଚ୍ଚ ଏହାର ସେବାକାର୍ଯ୍ୟ ଦଳକୁ ସେଠାକୁ ପଠାଇ ଶିବିର ପରିଚାଳନା କରିବେ ।

ପ୍ରାୟଶଃ ଆମେ ନିମ୍ନ ପ୍ରସଙ୍ଗଗୁଡ଼ିକୁ ନେଇ ଆଲୋଚନା କରିଥାଉ–

- **ଉଦ୍ଦୀପନା, ପରିଦର୍ଶନ ଓ ଈଶ୍ୱରଙ୍କ ଚଳପ୍ରଚଳ**
- **ଉପସ୍ଥିତି ଓ ଗୌରବ**
- **ରାଜ୍ୟନିର୍ମାଣକାରୀମାନେ (ଈଶ୍ୱରଙ୍କ ରାଜ୍ୟ ଓ ଏହାର ନିର୍ମାଣକାର୍ଯ୍ୟ)**
- **ସମତଳ ଭୂମି**
- **ଈଶ୍ୱରଙ୍କ ଗୃହ**
- **ପ୍ରେରିତିକ ଓ ଭାବବାଣୀୟ ସେବାକାର୍ଯ୍ୟ**
- **ସୁସ୍ଥତା ଓ ଉଦ୍ଧାର ସେବାକାର୍ଯ୍ୟ**
- **ଆତ୍ମାଙ୍କ ଦାନସକଳ**
- **ବିବାହ ଓ ପରିବାର**
- **ସାଧୁମାନଙ୍କୁ ସୁସଜ୍ଜିତ କରିବା ଓ ହାଟପଦାକୁ ପରିବର୍ତ୍ତନ କରିବା**

ଏସମ୍ପର୍କିତ ଅନ୍ୟାନ୍ୟ ବିଷୟପାଇଁ ଆମର ୱେବ୍‌ସାଇଟ୍: **apcwo.org/CLC** ପରିଦର୍ଶନ କରନ୍ତୁ ।


ଶିବିର ଆୟୋଜନ କରିବା ପାଇଁ ଆମ ସଙ୍ଗେ ଏହି email ଠିକଣା ଦ୍ୱାରା ଯୋଗାଯୋଗ କରନ୍ତୁ: contact@apcwo.org

## ମାଗଣା ଆପ୍ ଡାଉନ୍‌ଲୋଡ୍ କରନ୍ତୁ

ଆପ୍ ବା ଗୁଗୁଲ୍ ପ୍ଲେ ଷ୍ଟୋର୍‌ରୁ "All Peoples Church Bangalore" ଖୋଜି ଡ଼ାଉନ୍‌ଲୋଡ୍ କରନ୍ତୁ

Available on the App Store    ANDROID APP ON Google play




### ଏଥିରେ ଥିବା ସୁବିଧାଗୁଡ଼ିକ:

- ଦୈନିକ ୫ ମିନିଟ୍‌ର ଭିଡ଼ିଓ ଧ୍ୟାନ
- ଦୈନିକ ବାଇବଲ ପଠନ ଓ ପ୍ରାର୍ଥନା ସୂଚନା
- ବିଭିନ୍ନ ପ୍ରସଙ୍ଗ ଉପରେ ଆଧାରିତ ବାଇବଲ ଶାସ୍ତ୍ରାଂଶଗୁଡ଼ିକର ଏକ ଟୁଲ୍‌କିଟ୍ ଯାହା
- ବିଶ୍ୱାସରେ ବୃଦ୍ଧି ପାଇବାରେ ଓ ସୁସମାଚାର ଅଂଶୀ କରାଇବାରେ ସହାୟକ ।
- ବିଭିନ୍ନ ଉପଦେଶ, ଉପଦେଶ ଟିପ୍ପଣୀସମୂହ, ଟିଭି କାର୍ଯ୍ୟକ୍ରମ, ପୁସ୍ତକ, ସଙ୍ଗୀତ, ଇତ୍ୟାଦି ଏଥିରେ ଉପଲବ୍ଧ ।

***ଯଦି ଏହାକୁ ପସନ୍ଦ କରୁଛନ୍ତି, ଅନ୍ୟମାନଙ୍କୁ ଏ ବିଷୟରେ କହନ୍ତୁ!***

# ପ୍ରଭାବିତ କରିବା ପାଇଁ ନିର୍ମାଣ କରନ୍ତୁ:
# ଆମ ଦର୍ଶନରେ ଅଂଶଗ୍ରହଣ କରନ୍ତୁ




## ନିର୍ମାଣ କରନ୍ତୁ

APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁ ଏକ ବିଶ୍ୱସ୍ତରୀୟ ସମ୍ପୂର୍ଣ୍ଣ ଆଧୁନିକ ସଜ୍ଜିତକରଣ କେନ୍ଦ୍ର ଓ ମିଶନ୍ ଭିତ୍ତିଭୂମିଭାବରେ ବିଭିନ୍ନ ରାଷ୍ଟ୍ରରେ ଖ୍ରୀଷ୍ଟଙ୍କ ଶରୀରର ସେବା କରିବା ପାଇଁ ଉଦ୍ଦିଷ୍ଟ ।

## ପ୍ରଭାବିତ କରନ୍ତୁ

ଆମେ ଆତ୍ମାରେ ଅଭିଷିକ୍ତ, ବାଇବଲଭିତ୍ତିକ ତାଲିମ୍ ପ୍ରଦାନ କରି ନୂତନ ପିଢ଼ିର ଖ୍ରୀଷ୍ଟୀୟ କାର୍ଯ୍ୟକାରୀମାନଙ୍କୁ ସୁସଜ୍ଜିତ କରି ସ୍ୱଦେଶ ଓ ବିଦେଶକୁ ପଠାଇବୁ ଓ ସେମାନଙ୍କର ପୃଷ୍ଠପୋଷକତା କରିବୁ । ଏଥିପାଇଁ ଏକ ବାଇବଲ କଲେଜ ପ୍ରତିଷ୍ଠିତ ହେବ ଓ ଏଥିରେ ରହିବାର ସୁବିଧା ରହିଥିବ । ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଶିକ୍ଷା ଗ୍ରହଣର ସୁବିଧା ରହିବ । ଏକ ମିଡ଼ିଆ ସେଣ୍ଟର୍ ବି ରହିବ ଯଦ୍ୱାରା ପୃଥିବୀର ବିଭିନ୍ନ ଭାଗର ଲୋକଙ୍କ ନିକଟରେ ପହଞ୍ଚି ହେବ । ଏଠାରେ ଏକ ଉପାସନା ଗୃହ ଏବଂ ପିଲାମାନଙ୍କର ଓ ଯୁବାମାନଙ୍କ ପାଇଁ ଏକ ସେଣ୍ଟର୍ ରହିବ । ୨୪x୭ ପ୍ରାର୍ଥନା ସେଣ୍ଟର୍ ମଧ୍ୟ ରହିବ ।

ଆପଣଙ୍କୁ ପ୍ରଭୁ ଯେଉଁଭଳି ଚାଳନା ଓ ଶକ୍ତି ଦିଅନ୍ତି ତଦନୁସାରେ ଆପଣଙ୍କୁ ଏକ ସ୍ୱେଚ୍ଛାଦାନ ପଠାଇବାକୁ ଆମନ୍ତ୍ରଣ କରାଯାଏ ଏବଂ ଆମ ସଙ୍ଗେ ଏହି ଦର୍ଶନର ଭାଗୀଦାର ହୋଇ ପ୍ରଭାବିତ କରିବା ପାଇଁ ନିର୍ମାଣ କରିବା କାର୍ଯ୍ୟକ୍ରମକୁ ସାହାଯ୍ୟ କରିବାକୁ ଅନୁରୋଧ । APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁର ନିର୍ମାଣ କାର୍ଯ୍ୟ ନିମନ୍ତେ ଦାନ ପଠାଇବା ପାଇଁ ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା ।

| Wire Transfer | Cheques |
| --- | --- |
| Account: **All Peoples Church Building Fund AC**<br>Account No: 520101021447450<br>IFSC Code: CORP0000656<br>Bank Name: Corporation Bank<br>Branch Name: R.T Nagar Branch, Bangalore | In favor of: **All Peoples Church Building Fund AC**<br>Cheques can be mailed to:<br>All Peoples Church,<br>#319, 2nd Floor, 7th Main, 2nd Block HRBR Layout, Kalyan Nagar, Bangalore 560043, Karnataka, India |

ଭାରତରେ ଥିବା ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ଆମେ ଦାନ ଗ୍ରହଣ କରିବାକୁ ପସନ୍ଦ କରିବୁ । ବିଦେଶରୁ ଆସିବାକୁ ଥିବା ଦାନ ଗ୍ରହଣ କରିବାର ସୁବିଧା ଆମ ନିକଟରେ ଉପଲବ୍ଧ ନୁହେଁ । ଯଦି ଆପଣଙ୍କର କୌଣସି ସନ୍ଦେହ ବା ପ୍ରଶ୍ନ ଥାଏ buildtoimpact@apcwo.orgକୁ email କରନ୍ତୁ । ଏହି ପ୍ରକଳ୍ପର ପ୍ରଗତି ଓ ଅନ୍ୟ ବିଷୟ ଜାଣିବା ପାଇଁ **apcwo.org/buildtoimpact** ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ ।

## All Peoples Church Bible College
## apcbiblecollege.org

ଅଲ୍ ପିପୁଲ୍ସ ଚର୍ଚ୍ଚ୍ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି । ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ । ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ ।

APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ । ଏଯାଏଁ ଅନେକ ତାଲିମ୍ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି ।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :
Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ । ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ । ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍ମାନ ରହିଛି । ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି । ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ । ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ । ଅନ୍ଲାଇନ୍ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍ଲୋଡ୍ କରିବା ପାଇଁ ଆମର ୱେବ୍ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ ।

APC-BC is accredited by the
Nations Association for
Theological Accreditation (NATA)

ଲୋକମାନଙ୍କର, ସମ୍ପ୍ରଦାୟଗୁଡ଼ିକର ଓ ଭୌଗଳିକ ଅଞ୍ଚଳସବୁ ଉପରେ ସ୍ୱର୍ଗ ଉନ୍ମୁକ୍ତ ହେବା ବିଷୟରେ ଖ୍ରୀଷ୍ଟଙ୍କ ଶରୀର ନୂତନ ଭାବରେ ଜ୍ଞାନ ଓ ଅନ୍ତର୍ଦୃଷ୍ଟି ପ୍ରାପ୍ତ ହେଉଛି । ମନେହୁଏ ପୃଥିବୀରେ କେତେକ ଅଞ୍ଚଳ ରହିଛି (ଯେପରି ୱେଲ୍ସ, ଫ୍ଲୋରିଡ଼ା ଓ ଶିଲଂ) ଯେଉଁଗୁଡ଼ିକ ଉନ୍ମୁକ୍ତ ସ୍ୱର୍ଗର ସମ୍ବେଦନଶୀଳ ସ୍ଥାନ ବା ହଟ୍ସ୍ପଟ୍ ଅଟେ ।

ଏହି ପୁସ୍ତକରେ ଏକ ସରଳ ଅଧ୍ୟୟନ ଦିଆଯାଇଛି-ସ୍ୱର୍ଗ ଉନ୍ମୁକ୍ତ ହେବା ବିଷୟରେ ଧର୍ମଶାସ୍ତ୍ର କ'ଣ କହେ, ଏହାର ଭାବାର୍ଥ ଓ ଏହାର ପରିଣାମ କ'ଣ ହୋଇଥାଏ । ଆମର ବିଶ୍ୱାସ ଯେ ଅନେକେ ଏହି ପୁସ୍ତକ ଦ୍ୱାରା ଉପକୃତ ହେବେ ଏବଂ ସେମାନଙ୍କ ଜୀବନରେ, ସେମାନଙ୍କ ସ୍ଥାନୀୟ ମଣ୍ଡଳୀସବୁରେ ଓ ସେମାନଙ୍କ ସମ୍ପ୍ରଦାୟରେ ଏକ "ଉନ୍ମୁକ୍ତ ସ୍ୱର୍ଗ" ସୃଷ୍ଟି ହେବା ନିମନ୍ତେ ପ୍ରାର୍ଥନା କରିବେ । ଆମେ ଆଶା କରୁ କୌଣସି ଅଞ୍ଚଳର ସ୍ଥାନୀୟ ମଣ୍ଡଳୀଗୁଡ଼ିକ ଏକାଠି ହୋଇ ପ୍ରାର୍ଥନା କରିବେ ଯେପରି କି ସେମାନଙ୍କ ନଗର ବା ଅଞ୍ଚଳରେ ସ୍ୱର୍ଗ ଉନ୍ମୁକ୍ତ ହୁଏ, ମଣ୍ଡଳୀରେ ଧର୍ମସଂସ୍କାର ଆସେ ଏବଂ ସେମାନଙ୍କ ନଗର ବା ଅଞ୍ଚଳ ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୁଏ ।

ଆଶିଷ୍ ରାଇଚୁର୍

**All Peoples Church & World Outreach**
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore 560 043
Karnataka, INDIA

Phone: +91-80-25452617
Email: contact@apcwo.org
Website: apcwo.org